ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ବାଲେଶ୍ୱର ■ ଶୁକ୍ରବାର ୨୭ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 27 OCTOBER 2023

Vol.No. 34 ■ No. 281■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ବଡ଼ ବୟାନ

### ଯୁଦ୍ଧର କାରଣ: ଭାରତ ମଧ୍ୟପ୍ରାଚ୍ୟ ୟୁରୋପ ଅର୍ଥନୈତିକ କରିଡର



ନୂଆଦିଲ୍ଲୀ,୨୬/୧୦ : ଯୁଦ୍ଧକୁ ପୂରିଛି ୨୦ ଦିନ । ଏହା ଭିତରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଏଭଳି ଏକ ବୟାନ ଦେଇଛନ୍ତି ଯାହାକୁ ନେଇ ହୁଏତ ଆଗାମୀ ଦିନରେ ଭାରତ ଓ ଆମେରିକା ସମ୍ପର୍କ ବିବାଦଘେରକୁ ଆସିପାରେ । ନିକଟରେ ଭାରତରେ ଆୟୋଜିତ ଜି-୨୦ ସମ୍ମିଳନୀରେ ଏହି କରିଡ଼ର ନିର୍ମାଣ ପାଇଁ ଘୋଷଣା କରାଯାଇଥିଲା । କୁହାଯାଉଛି ଚୀନର ବିଆରଆଇକୁ କଡ଼ା ଟକ୍କର ଦେବ ଆଇଏମଇସି । ଇଷ୍ଟନ ଓ ନର୍ଦନ କରିଡର ଭାରତ ପାଇଁ ବେଶ ଗୁରୁତ୍ୱବହନ କରୁଛି । ଯେଉଁଠି ଇଷ୍ଟନ କରିଡନ ଭାରତକୁ ଗଲ୍ଫ ଦେଶ ସହ ଯୋଡିବ । ନର୍ଦନ କରିଡର ଦ୍ୱାରା ଗଲ୍ଫ ଦେଶମାନଙ୍କୁ ୟୁରୋପ ସହ ଯୋଡିବ । ୧୯ଦିନରେ ପହଁଚିଛି ଇସ୍ରାଏଲ-ହମାସ ଯୁଦ୍ଧ । ଘନ ଘନ ଆକ୍ରମଣ-ପ୍ରତିଆକ୍ରମଣରେ କ୍ଷଣିକରେ ଯାଉଛି ଜୀବନ । ଏବେ ସୁଦ୍ଧା ୩୫ଶହ ଶିଶୁଙ୍କ ସମେତ ୮ହଜାର ଲୋକଙ୍କ ମୃତ୍ୟୁ ହୋଇସାରିଲାଣି । ସେପଟେ ୨ଶହରୁ ଅଧିକ ଇସ୍ରାଏଲ ନାଗରିକଙ୍କୁ ପଣବନ୍ଦୀ କରି ରଖିଛି ହମାସ । ତେବେ ମାନବିକତା ଦୃଷ୍ଟିରୁ କିଛି ପଣବନ୍ଦୀଙ୍କୁ ମୁକ୍ତ କରୁଛି ହମାସ । ହମାସ ଉପରେ ଅର୍ତକିତ ଆକ୍ରମଣ ସହ ଗ୍ରାଉଣ୍ଡ ଜିରୋରୁ ଖୋଜି ଖୋଜି ବାହାର କରୁଛି ଇସ୍ରାଏଲ ଡିଫେନ୍ସ ଫୋର୍ସ । ସେପଟେ ସିରିଆ, ଲେବାନନ, ଇରାନ ଇସ୍ରାଏଲକୁ ଟାର୍ଗେଟ କରୁଥିବାବେଳେ ଏହାର କଡ଼ା ଜବାବ ଦେଇ ଇସ୍ରାଏଲ ସେନା ରକେଟ ଓ ମିସାଇଲ ମାଡ କରୁଛି । ହମାସକୁ ମୂଳପୋଛ କରିବା ପାଇଁ ଇସ୍ରାଏଲ ଯେତିକି ରକ୍ତମୁଖା ହେଉଛି ସେପଟେ ଇସ୍ରାଏଲ ବିରୋଧରେ ଇସଲାମିକ ରାଷ୍ଟ୍ରଙ୍କ ବଳ ଦିନକୁ ଦିନ ବୃଦ୍ଧି ପାଉଛି । ଆଗାମୀ ଦିନରେ ଯୁଦ୍ଧ କେଉଁ ଦିଗକୁ ମୁହାଁଉଛି ଏହା ଉପରେ ସାରା ବିଶ୍ୱର ନଜର ।

## ବଢ଼ିଲା ଓଡ଼ିଆ ଫିଲ୍ମ କଳି: ମୁହାଁମୁହିଁ ହେଲେ ଅନୁଭବ ଓ ମନୋଜ

ଭୁବନେଶ୍ୱର, ୨୬/୧୦ (ନି.ପ୍ର):ତୀବ୍ର ହେଉଛି କଳି । ସମାଧାନର ରାସ୍ତା ବାହାରି ପାରୁନାହିଁ । ଅଭିନେତା ମନୋଜ ମିଶ୍ରଙ୍କୁ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀରୁ ଦୁଇ ବର୍ଷ ପାଇଁ ବ୍ୟାନ୍ କରିବା ପରେ କଳି ଆହୁରି ବଢ଼ିବାରେ ଲାଗିଛି । ଏହାକୁ ନେଇ ସୋଶାଲ୍ ମିଡ଼ିଆରେ ମୁହାଁମୁହିଁ ହୋଇଛନ୍ତି ହ୍ୟାଣ୍ଡସମ୍ ହିରୋ ଅନୁଭବ ମହାନ୍ତି ଓ ଖଳନାୟକ ମନୋଜ ମିଶ୍ର । ଦୁଇ ଦିନ ତଳେ ବଡ଼ଭାଇ ବୋଲି ସମ୍ବୋଧନ କରି ଭାବପ୍ରବଣାତ୍ମକ ଭିଡିଓ ଛାଡ଼ିଥିଲେ ଅନୁଭବ । ଆଉ ବୁଧବାର ସାନଭାଇ ବୋଲି କହି ଭାବପ୍ରବଣାତ୍ମକ ଭିଡିଓ ଭିଡିଓ ଛାଡ଼ିଛନ୍ତି ମନୋଜ ମିଶ୍ର । ଉଭୟ ନିଜର ମନର କଥା, ବ୍ୟଥା ଓ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀର ଯନ୍ତ୍ରଣାକୁ ବଖାଣିଛନ୍ତି । 'ମାଇଁଣ୍ଡ ଗେମ୍' ମନୋଜ ମିଶ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଅନୁଭବ ମହାନ୍ତି । ଭିଡ଼ିଓ ବାର୍ତ୍ତାରେ ସେ କହିଛନ୍ତି, ମୁଁ ଆପଣଙ୍କର ଜଣେ ଫ୍ୟାନ୍ । ହେଲେ ମନୋଜ ଭାଇ ଆଜି ଆପଣଙ୍କ ମୁହଁରୁ ଗୋଟିଏ କଥା ଶୁଣିଲା ପରେ ମୋତେ ବହୁତ କଷ୍ଟ ହୋଇଛି । ଖାଲି ସେହି ଗୋଟିଏ କଥା ତାହା ନୁହେଁ, ଗତ କିଛି ମାସ ହେଲା ଆପଣଙ୍କର କିଛି ଭିଡିଓ ଓ ଟିଭି ସାକ୍ଷାତକାରରେ ଯେଉଁ ବଡ଼ଭାଇଙ୍କୁ ଦେଖିଥିଲି ଓ ଜାଣିଥିଲି, ହେଲେ ଆଜି ସେହି ମନୋଜ ଭାଇଙ୍କୁ ଆଉ ଦେଖିବାକୁ ପାଉନି ବୋଲି ଅନୁଭବ କହିଛନ୍ତି । ସେ ଆହୁରି କହିଛନ୍ତି, ଆମେ ସମସ୍ତେ ଗୋଟିଏ ପରିବାର ଭଳି ଚଳି ଆସିଛୁ ।


▶▶ପୃଷ୍ଠା ୭


## ବୁଧବାର ସକାଳଠୁ ଖାଡ଼ା ଉପାସରେ ପ୍ରଭୁ ଲିଙ୍ଗରାଜ: ସବୁ ଉଦ୍ୟମ ଫେଲ୍



ଭୁବନେଶ୍ୱର, ୨୬/୧୦ (ନି.ପ୍ର): ପୁଣି ଭୋକ ଉପାସରେ ପ୍ରଭୁ ଲିଙ୍ଗରାଜ । ସେବାୟତଙ୍କ ବିବାଦରେ ବଳି ପଡ଼ିଛି ଠାକୁରଙ୍କ ନୀତିକାନ୍ତି । ବୁଧବାର ସକାଳୁ କେବଳ ସାହାଣମେଲା ଦର୍ଶନ ବିନା ଅନ୍ୟ କୌଣସି ନୀତିକାନ୍ତି ହୋଇନି । ଅବଢ଼ା ମଧ ବାହାରିନି । ଅଚଳାଚଳ ସଂପତ୍ତିର ମାଲିକଙ୍କୁ ଏତେ ସମୟ ଧରି ଏମିତି ଭୋକରେ ରଖାଯିବାକୁ ନେଇ ବ୍ୟଥିତ ଭକ୍ତ ପ୍ରାଣ । ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ତେଜୁଛି । ସେବାୟତଙ୍କ ଭିତରେ ସମନ୍ୱୟ ଅଭାବ ଓ ବିବାଦରୁ ବର୍ଷର ବିଭିନ୍ନ ସମୟରେ ଲିଙ୍ଗରାଜଙ୍କ ନୀତିରେ ବିଭ୍ରାଟ ହେଉଛି । ସେବାୟତଙ୍କ ଭିତରେ ଜିଦାଜିଦି ସ୍ଥିତି ଓ ଅହଂର ଲଢ଼େଇ ପାଇଁ ପୂର୍ବରୁ ଅନେକ ଥର ଉପାସରେ ରହିଛନ୍ତି ଲିଙ୍ଗରାଜ । ହେଲେ ଏଥର ବିବାଦର କାରଣ ହେଉଛି ଜମି । ଭୁବନେଶ୍ୱର ନୂଆଗାଁ ମୌଜା ଗଙ୍ଗୁଆ ନାଳ ନିକଟରେ ଥିବା ଲିଙ୍ଗରାଜଙ୍କ ୨ ଏକର ୬୩ ଡିସିମିଲ ବେବନ୍ଦୋବସ୍ତ ଜମିରେ ଦୋକାନ


▶▶ପୃଷ୍ଠା ୭


## ଭୀମ ପୃଷ୍ଟି ପାଇଲେ ୪୪ତମ ଶାରଳା ପୁରସ୍କାର

ଭୁବନେଶ୍ୱର, ୨୬/୧୦ (ନି.ପ୍ର): ବିଶିଷ୍ଟ କଥାକାର ଭୀମ ପୃଷ୍ଟି ପାଇଲେ ଚଳିତ ବର୍ଷର ସମ୍ମାନଜନକ ଶାରଳା ପୁରସ୍କାର । ଉପନ୍ୟାସ 'ଜମ୍ବୁଲୋକ' ପାଇଁ ସେ ଏହି ପୁରସ୍କାର ପାଇଛନ୍ତି । ସ୍ୱତନ୍ତ୍ର



ସମାରୋହରେ ଆଜି ଇମ୍ପା ଚାରିଟେବଲ ଟ୍ରଷ୍ଟ 'ଇମ୍ପାକ୍ଟ' ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପୁରସ୍କାର ବାବଦକୁ ୫ଲକ୍ଷ ଟଙ୍କା, ସମ୍ମାନପତ୍ର ଓ ଫଳକ ପ୍ରଦାନ କରାଯାଇଛି ।ସେହିଭଳି କଳା କ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା ଲାଗି ଇଳା-ବଂଶୀଧର ପଣ୍ଡା କଳା ସମ୍ମାନ-୨୦୨୩ ମଧ୍ୟ ଆଜି ପ୍ରଦାନ କରାଯାଇଛି ।


▶▶ପୃଷ୍ଠା ୭


## ମୋବାଇଲ ନାହିଁ, ମିଳିଲା ନାହିଁ ସହଯୋଗ: ବାପାଙ୍କୁ ଟ୍ରଲିରେ ମେଡିକାଲ ଆଣିଲେ ଝିଅ

ଭଦ୍ରକ, ୨୬/୧୦ (ନି.ପ୍ର): ଜଣେ ୧୪ ବର୍ଷର ଝିଅ ବାପାକୁ ସରକାରୀ ଡାକ୍ତରଖାନାରୁ ଚିକିତ୍ସା ସାରି ଟ୍ରଲିରେ ବସାଇ ନିଜ ଘରକୁ ନେଉଥିବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ବାପ ଝିଅକୁ ଦେଖି ବାଟରେ ଅଟକିଲେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ ଓ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ । ଘଟଣା ବିଷୟରେ ପଚାରି ବୁଝିବା ସହ ସଂପୂର୍ଣ୍ଣ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି । ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲା ଧୂସୁରି ଥାନା ନଦିଗାଁ ଅଞ୍ଚଳର ଶମ୍ଭୁନାଥ ସେଠୀଙ୍କର ହାତ ଭାଙ୍ଗିଥିବା ବେଳେ ଶମ୍ଭୁଙ୍କ ୧୪ ବର୍ଷର ଝିଅ ପ୍ରଥମେ ଧାମନଗର ଓ ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଦୀର୍ଘ ୩୫ କିମି ଟ୍ରଲି ରେ ବୋହି ଆଣିଥିଲା । ତେବେ ୭ ଦିନ ପରେ ଅସ୍ତ୍ରୋପ୍ରଚାର ହେବା ନେଇ ଡାକ୍ତର ପରାମର୍ଶ ଦେବା ସହ ଆଜି ଶମ୍ଭୁଙ୍କୁ ଡିସଚାର୍ଜ କରିଥିଲେ । ଆଉ ଶମ୍ଭୁ ଡିସଚାର୍ଜ ହେବା ପରେ ପୁଣି ପୁନର୍ବାର ତାଙ୍କ ଝିଅ ଟ୍ରଲିରେ ବସାଇ ଘରକୁ ଯିବା ଆରମ୍ଭ କରିଥିଲେ ଆଉ ଏତିକି ବେଳେ ତାଙ୍କ ଉପରେ ନଜର ପଡିଥିଲା ଗଣମାଧ୍ୟମ ପ୍ରତିନିଧିଙ୍କର । ଉଭୟ ବାପ ଝିଅଙ୍କ ପାଖରୁ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ । ବାପ ଝିଅ ଟ୍ରଲିରେ ଯାଉଥିବା ବେଳେ ବେଳେ ସେହି ବାଟ ଦେଇ ଯାଉଥିଲେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ । ବାପାଙ୍କୁ ଟ୍ରଲିରେ ନେବା ଦେଖି ନିଜ ଗାଡ଼ି ଅଟକାଇ ଘଟଣା ବିଷୟରେ ବୁଝିଥିଲେ ।


▶▶ପୃଷ୍ଠା ୭




## ୩୧ରେ ରାଜ୍ୟପାଳ ଦାୟିତ୍ୱ ଗ୍ରହଣ କରିବେ ରଘୁବର ଦାସ



ଭୁବନେଶ୍ୱର, ୨୬/୧୦ (ନି.ପ୍ର): ଓଡ଼ିଶା ରାଜ୍ୟପାଳ ଭାବେ ଆସନ୍ତା ୩୧ ତାରିଖରେ ବରିଷ୍ଠ ବିଜେପି ନେତା ରଘୁବର ଦାସ ଦାୟିତ୍ୱ ଗ୍ରହଣ କରିବେ । ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ଡଃ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ତାଙ୍କୁ ଓଡ଼ିଶାର ୨୬ ତମ ରାଜ୍ୟପାଳ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ । ରାଜ ଭବନ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ରଘୁବର ଦାସ ଆସନ୍ତା ୨୯ତାରିଖରେ ଭୁବନେଶ୍ୱରରେ ପହଂଚିବାର କାର୍ଯ୍ୟକ୍ରମ ରହିଛି । ଅକ୍ଟୋବର ୧୮ତାରିଖରେ ତାଙ୍କୁ ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିଲା ।


▶▶ପୃଷ୍ଠା ୭


## ବଦଳିଲେ କଟକ ଜିଲ୍ଲାପାଳ



କଟକ, ୨୬/୧୦ (ନି.ପ୍ର): କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀଙ୍କର ବଦଳି ହୋଇଯାଇଛି । ତାଙ୍କୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ଏହି ନିର୍ଦ୍ଦେଶ ଜାରି କରାଯାଇଛି । ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଥିବା ନରହରି ସେଠୀଙ୍କୁ କଟକ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି । ୨୦୧୨ ବ୍ୟାଚ୍ ଆଇଏଏସ୍ ସରୋଜ କୁମାର ସେଠୀଙ୍କୁ ଗତକାଲି ରାଜ୍ୟ ସରକାର ଅଚାନକ ଢେଙ୍କାନାଳ ଜିଲ୍ଲାପାଳ ପଦରୁ ହଟାଇ ଦେଇଛନ୍ତି । ତାଙ୍କ ସ୍ଥାନରେ ବରିଷ୍ଠ ଓଏଏସ୍ ଅଫିସର ମନୋରଞ୍ଜନ ମଲ୍ଲିକଙ୍କୁ ଢେଙ୍କାନାଳ ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି । ଗତକାଲି ସରକାର ୫୩ ଜଣ ଓଏଏସ୍ ଅଫିସରଙ୍କୁ ବଦଳି କରିଥିଲେ । ଏହାକୁ ମିଶାଇଲେ ଗତ ୭ ଦିନ ମଧ୍ୟରେ ଜିଲ୍ଲା ସ୍ତରରେ ୩୦୦ରୁ ଅଧିକ ଓଏଏସ୍ ଅଫିସରଙ୍କ ବଦଳି ହୋଇସାରିଲାଣି ।

## ବସ୍ ମାଲିକ ସଂଘ-ସରକାରଙ୍କ ଆଲୋଚନା ସଫଳ: ଆସନ୍ତା ୩୧ରୁ ଚାଲିବ ବସ୍



ଭୁବନେଶ୍ୱର , ୨୬/୧୦ (ନି.ପ୍ର): ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଓ ସରକାରଙ୍କ ମଧ୍ୟରେ ଆଲୋଚନା ଶେଷ ହୋଇଛି । ଆଲୋଚନା ସଫଳ ହୋଇଥିବା ବୈଠକ ପରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ ପ୍ରତିକ୍ରିୟା ରଖିଛନ୍ତି । ଘରୋଇ ବସ୍ ମାଲିକ ସଂଘ ଆସନ୍ତା ୩୦ ସୁଦ୍ଧା ଲିଖିତ ଦାବି ଜଣାଇବେ । ବ୍ଲକ୍‌ରୁ ଜିଲ୍ଲାକୁ ଗଡିବ ଲକ୍ଷ୍ମୀ ବସ୍ । ସଂଘ ପକ୍ଷରୁ ଦିଆଯାଇଥିବା ଦାବିକୁ ପରିବହନ କମିଟି ବିଚାର କରିବ ।


▶▶ପୃଷ୍ଠା ୭


## ଯୁଦ୍ଧର ୨୦ଦିନରେ ଗାଜାର ସ୍ଥଳପଥରେ ପଶିଲା ଇସ୍ରାଏଲ ସେନା

### ହମାସ କମାଣ୍ଡର, ଆତଙ୍କୀଙ୍କ ଠିକଣା ସହ ଟ୍ୟାଙ୍କ ଧ୍ୱଂସ



ନୂଆଦିଲ୍ଲୀ,୨୬/୧୦ : ଗାଜାରେ ଗ୍ରାଉଣ୍ଡ ଅପରେସନ ଆରମ୍ଭ କରିଛି ଇସ୍ରାଏଲ । ମଙ୍ଗଳବାର ଇସ୍ରାଏଲ ସେନା ଟ୍ୟାଙ୍କ ଧରି ଉତର ଗାଜାର ସୀମାରେ ପ୍ରବେଶ କରୁଥିବାର ଭିଡିଓ ସାମ୍ନାକୁ ଆସିବା ପରେ ଗୁରୁବାର ସ୍ଥଳପଥରୁ ଆକ୍ରମଣ ଆରମ୍ଭ ହୋଇଛି । ଗାଜା ଭିତରେ ପ୍ରବେଶ କରିବା ହମାସ ଆତଙ୍କବାଦିଙ୍କ ଆଡ୍ଡାକୁ ଟାର୍ଗେଟ କରି ମିସାଇଲ ମାଡ କରିଛି ଇସ୍ରାଏଲ ସେନା । ଆମେରିକାର ବାରଣ ସତେ ଇସ୍ରାଏଲ ଗାଜାର ଗ୍ରାଉଣ୍ଡ ଅପରେସନ ଆରମ୍ଭ କରିଛି । ଯୁଦ୍ଧର ୨୦ ଦିନରେ ଏହି ପରି ଏକ ନିଷ୍ପତି ନେଇଛି ଇସ୍ରାଏଲ । ଇସ୍ରାଏଲ ରାଷ୍ଟ୍ରପତି ବେଞ୍ଜାମିନ ନିତ୍ୟାନେହୁ ଗାଜାରେ ପ୍ରବେଶ କରିବା ନେଇ ଘୋଷଣା କରିବାର କିଛି ଘଂଟା ପରେ ଇସ୍ରାଏଲ ସେନା ଉତର ଗାଜାରେ ପ୍ରବେଶ କରିଛି । ଗାଜାରେ ସ୍ଥଳ ଅପରେସନ ବନ୍ଦ ରଖିବାକୁ ଆମେରିକାର ଇସ୍ରାଏଲର ଗ୍ରାଉଣ୍ଡ ପରାମର୍ଶ ଦେଇଥିଲା । ଯୁଦ୍ଧରେ ଆମେରିକା ଇସ୍ରାଏଲକୁ ସମର୍ଥନ କରୁଛି । ଏପରି ସ୍ଥିତିରେ ଇସ୍ରାଏଲକୁ ଯୁଦ୍ଧାସ୍ତ୍ର ମଧ ପଠାଉଛି ଆମେରିକା । ସେପଟେ ହମାସକୁ ଆତଙ୍କବାଦୀ ସଙ୍ଗଠନ ଘୋଷଣା କରିବାକୁ ନେଇ ଭାରତର ସହାୟତା ଲୋଡିଛି ଇସ୍ରାଏଲ । ଜାତିସଂଘରେ ଏହା ଉପରେ ଭୋଟିଂ ହେବାକୁ ଥିବା ବେଳେ ହମାସକୁ ଆତଙ୍କବାଦୀ ସଙ୍ଗଠନ ଘୋଷଣା କରିବାକୁ କହିଛନ୍ତି ଭାରତରେ ଥିବା ଇସ୍ରାଏଲ ରାଷ୍ଟ୍ରଦୂତ ।

## ସାହିତ୍ୟ ସଂସ୍କୃତି ପତ୍ରିକା 'ସାଗରିକା'ର ଶାରଦୀୟ ବିଶେଷାଙ୍କ ଉନ୍ମୋଚିତ



ବାଲେଶ୍ୱର, ୨୬/୧୦ (ନି.ପ୍ର): ସାହିତ୍ୟ ସଂସ୍କୃତି ପତ୍ରିକା ସାଗରିକାର ଶାରଦୀୟ ବିଶେଷାଙ୍କର ଉନ୍ମୋଚନ ପର୍ବ ଓ ସାରସ୍ୱତ ବନ୍ଧୁମିଳନ ମହା ଆଡମ୍ବର ସହକାରେ ଗତ ୨୩ ତାରିଖ ମହାନବମୀ ତିଥିରେ ପାଳିତ ହୋଇଯାଇଛି । ବାଲେଶ୍ୱର ସ୍ଥିତ ନୃତ୍ୟ, ସଂଗୀତ କଳାମନ୍ଦିରର ସଭାଗୃହରେ ସାଗରିକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସାଗରିକାର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ପ୍ରାରମ୍ଭିକ ସୂଚନା ଦେଇ ଶାରଦୀୟ ପୂଜା ଅବସରରେ ପତ୍ରିକା ପ୍ରକାଶନର ସ୍ୱାତନ୍ତ୍ରତା ସମ୍ପର୍କରେ ନିଜର ମତ ରଖିବା ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଏଥିରେ ଉଦ୍‌ଘାଟକ ଭାବେ ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ରଘୁନାଥ ମହାନ୍ତି ଯୋଗଦେଇଥିବା ବେଳେ ଅତିଥିଭାବେ କବି ଡ. ରମାକାନ୍ତ ନାୟକ, ମୟୁରଭଂଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ, ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ, ସୁବର୍ଣ୍ଣଶ୍ରୀର ସମ୍ପାଦକ କାଳୀପଦ ପଣ୍ଡା ଓ ସାଇସାଧନା ଇନଷ୍ଟିଚ୍ୟୁଟର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ ପ୍ରମୁଖ ଯୋଗଦେଇ ମା'ଙ୍କ ପୂଜାରେ ସାହିତ୍ୟର ଭୂମିକା, ପ୍ରବୃତ୍ତିକୁ ଦମନ କରିବା ପାଇଁ ପ୍ରକୃତିର ଆବାହନୀ, ସାହିତ୍ୟ ପାଇଁ ଆଚରଣ ଓ ଉଚ୍ଚାରଣ ଭିତରେ ସମତା ରଖିବାକୁ ଆହ୍ୱାନ ଦେଇଥିଲେ । ଦୀର୍ଘ ଚାଳିଶ ବର୍ଷ ଧରି ପ୍ରକାଶ ପାଇ ଆସୁଥିବା ସାଗରିକାର ଭୂମିକାକୁ ଭୂୟସୀ ପ୍ରଶଂସା କରିବା ସହ ଏହା ସୁବର୍ଣ୍ଣଜୟନ୍ତୀ ପାଳନ କରୁ ବୋଲି ମଧ୍ୟ ଆଶା ପ୍ରକଟ କରିଥିଲେ । ଏହି ସଭାରେ ବାଲେଶ୍ୱର ସହରର ବହୁ ବୁଦ୍ଧିଜୀବି, ଶିକ୍ଷାବିତ୍, କବି ଓ ଲେଖକ ଯୋଗ ଦେଇଥିଲେ । ଏହି ସଭାରେ ଡ. ହରିଶ୍ଚନ୍ଦ୍ର ବେହେରା, ପ୍ରଶାନ୍ତ ଦାସ, ଡ. ରମାକାନ୍ତ ନାୟକ, ଜୟନ୍ତୀ ବିଶ୍ୱାଳ ବେହୁରିଆ, ପ୍ରିୟଙ୍କ ପ୍ରିୟଦର୍ଶିନୀ ଦାସ, ତାନଶ୍ରୀ ପାଣିଗ୍ରାହୀ, ପରେଶ ରାୟ ମହାପାତ୍ର, ସୁବ୍ରତା ମହାନ୍ତି ପ୍ରମୁଖ ସାଗରିକାରେ ପ୍ରକାଶିତ ସେମାନଙ୍କ କବିତା ପାଠ କରିଥିଲେ । ପ୍ରାରମ୍ଭରେ କଣ୍ଠଶିଳ୍ପୀ ଶ୍ରୋଲିସା ଶୁଭଦର୍ଶିନୀ ପ୍ରାରମ୍ଭିକ ସଂଗୀତ ଗାନ କରିଥିବା ବେଳେ ବରିଷ୍ଠ ଆଇନଜୀବି ବିଜୟ ପାଣିଗ୍ରାହୀ ସଂଗୀତ ପରିବେଷଣ କରିଥିଲେ ।

# ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ 'ଜେମା'

ଉଦଳା , ୨୬/୧୦ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ୱାର୍ଡ଼ ନଂ-୧୨ (ଜ୍ୟୋତି ନଗର)ର ଦୃଶ୍ୟ । ଏଠାରେ ବସବାସ କରୁଥିବା ବିର୍ଗା ଲେଆଙ୍ଗି ଓ ମାତା ଲକ୍ଷ୍ମୀ ଲେଆଙ୍ଗିଙ୍କ କନ୍ୟା 'ଜେମା' ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଜେମାଙ୍କୁ ବର୍ତ୍ତମାନ ବୟସ ୧୦ ବର୍ଷ ଛୁଇଁଲା । ସରକାରଙ୍କ ଘୋଷଣା ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା । କିନ୍ତୁ ଜେମାପରି ପିଲାଙ୍କୁ ଦେଖିଲେ ସରକାରଙ୍କ ଏହି ଘୋଷଣା ଯେ ଏକ ପ୍ରହସନ ତାହା ବେଶ ସ୍ପଷ୍ଟ ବାରି ହୋଇ ପଡୁଛି । ଜେମା ଙ୍କ ପରିବାରର ଲୋକଙ୍କ କହିବାଅନୁସାରେ ନିକଟରେ ଥିବା କଲୋନି ସାହି ପ୍ରାଥମିକ ବିଦ୍ୟାଳୟରେ ଜେମା ୫ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । କରୋନା ଯୋଗୁଁ ବିଦ୍ୟାଳୟ ଛୁଟି ରହିବା ଫଳରେ ସେ ପାଠ ଠାରୁ ଦୁରେଇ ଯାଇଥିଲେ । ବିଦ୍ୟାଳୟ ଖୋଲିବା ପରେ ସେ କିପରି ବିଦ୍ୟାଳୟକୁ ଯିବେ ଓ ପାଠ ପଢ଼ିବେ ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ । ଶେଷରେ ଜେମା ବାଧ ହୋଇ ପାଠ ପଢ଼ାରେ ସବୁଦିନ ପାଇଁ ଡ଼ୋରି ବାନ୍ଧି ଦେଲେ । କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ୩ ଦିନିଆ ଧର୍ମଘଟ

ବଲାଙ୍ଗୀର, ୨୬/୧୦ (ନି.ପ୍ର): ରାଜ୍ୟରେ କାର୍ଯ୍ୟ କରୁଥିବା ୧୭ଟି କେନ୍ଦ୍ର ସମବାୟ ବ୍ୟାଙ୍କରେ କର୍ମଚାରୀ ମାନଙ୍କ ପ୍ରଚେଷ୍ଟା ଫଳରେ ସମସ୍ତ କେନ୍ଦ୍ର ସମବାୟ ବ୍ୟାଙ୍କମାନେ ଦୀର୍ଘବର୍ଷ ଧରି କ୍ଷତିରେ ଚାଲୁଥିବାବେଳେ ୨୦୧୪ ମସିହା ଠାରୁ ସମସ୍ତ ବ୍ୟାଙ୍କ ଲାଭ କରୁଛନ୍ତି ଓ ବ୍ୟାଙ୍କର ଆୟରୁ କୋଟି କୋଟି ଟଙ୍କାର ଆୟକର ସରକାରଙ୍କୁ ପ୍ରଦାନ କରୁଛନ୍ତି କିନ୍ତୁ କର୍ମଚାରୀ ମାନଙ୍କ ଆର୍ଥିକ ଦାବି ପୁରାଣ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି ଓ ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନା ସମବାୟ ବ୍ୟାଙ୍କ ମାଧ୍ୟମରେ କାର୍ଯ୍ୟକାରୀ ହୋଇଥାଏ ଓ ସରକାର ବ୍ୟାଙ୍କର ଖର୍ଚ୍ଚ ବହନ କରନ୍ତି ନାହିଁ ଓ ବ୍ୟାଙ୍କ ନିଜ ଆୟରୁ ନିଜର ସମସ୍ତ ଖର୍ଚ୍ଚ କରିଥାଏ କିନ୍ତୁ ଦୁଃଖର ବିଷୟ କର୍ମଚାରୀ ମାନଙ୍କର ଦରମା ବୃଦ୍ଧି କରିବା କ୍ଷମତା ବ୍ୟାଙ୍କର ପରିଚାଳନା ପରିଷଦ ପାଖରେ ନ୍ୟସ୍ତ ଥିଲେ ମଧ୍ୟ ସରକାରଙ୍କ ବିନା ଅନୁମତିରେ ଏହା ଦିଆଯାଇ ପାରୁ ନାହିଁ ଓ ଯଦ୍ୱାରା କି କର୍ମଚାରୀମାନେ ନିଜର ପ୍ରାପ୍ୟରୁ ବଂଚିତ ହେଉଛନ୍ତି । ଏହା ଏକ ବିଚିତ୍ର ବ୍ୟବସ୍ଥା ଓ ବହୁ ଆଲୋଚନା ଧର୍ମଘଟ ପରେ ସରକାର କେନ୍ଦ୍ର ସମବାୟ କର୍ମଚାରୀମାନଙ୍କୁ ସପ୍ତମ ବେତନ ୨୦୧୯ ପାଖରୁ ଦେବାକୁ ନିର୍ଦ୍ଦେଶ ନାମା ଦେଲେ କିନ୍ତୁ କର୍ମଚାରୀମାନେ ସମସ୍ତେ ୨୦୧୬ ଠାରୁ ପାଇବାକୁ ହକଦାର ଓ ସେହିପରି ୨୦୧୪ ପରଠାରୁ ଯେଉଁମାନେ ବ୍ୟାଙ୍କରେ ଚାକିରୀ କଲେ, ସେମାନେ ଅବସର ପରେ ଇ ଓ ଏଫ ଓ ଯୋଜନା ଅଧୀନରେ ପେନସନ ପାଇବେ ନାହିଁ ଏହା ବିଧିମୁତାବକ ଚାକିରିର ସର୍ତ୍ତବଳୀ ଉଲଂଘନ ଅଟେ, ତେଣୁ ଆମ ମହାସଂଘ ସେମାନଙ୍କ ପାଇଁ ଏକ ପେନସନ୍ ପାଣ୍ଠି ଗଠନ କରିବାକୁ ଦାବି କରିଆସୁଛି କିନ୍ତୁ ସରକାର ଏ କ୍ଷେତ୍ରରେ ସବୁଜାଣି ନିରବ ରହୁଛନ୍ତି ଓ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ଓ କେନ୍ଦ୍ର ସମବାୟ ବ୍ୟାଙ୍କ ଓ ରାଜ୍ୟ ସମବାୟ ବ୍ୟାଙ୍କର ମିଶ୍ରଣ ଅନ୍ୟ ଏକ ଦାବି ଥିବା ବେଳେ ଏଯାବତ କିଛି ପଦକ୍ଷେପ ନିଆଯାଇ ନାହିଁ ଓ ଏଥି ସହିତ ବ୍ୟାଙ୍କକୁ କ୍ଷତିରୁ ବଂଚାଇବା ପାଇଁ ଅନ୍ୟାନ୍ୟ ଦାବି ମଧ୍ୟ ରହି ଅଛି । ଏତଦବ୍ୟତୀ ସରକାରଙ୍କ ସମସ୍ତ ସରକାରୀ ଯୋଜନା ସମବାୟ ବ୍ୟାଙ୍କ ତରଫରୁ କାର୍ଯ୍ୟ କରୁଥିଲେ ମଧ୍ୟ ସରକାରଙ୍କର କୌଣସି ବିଭାଗର ଟଙ୍କାଟିଏ ମଧ୍ୟ ସମବାୟ ବ୍ୟାଙ୍କରେ ଗଚ୍ଛିତ ରଖୁନାହାନ୍ତି, ଯାହା ଆନାନ୍ୟ ବ୍ୟାଙ୍କରେ ରଖୁଛନ୍ତି, ଏହା ଏକ ବିଡମ୍ବନାର ବିଷୟ ଅଟେ ଓ ଉକ୍ତ ୫ ଗୋଟି ଦାବି ନେଇ ପ୍ରଥମେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତିଙ୍କ ନେତୃତ୍ୱରେ ସମସ୍ତ ସଭାପତି, ସମବାୟ ନିବନ୍ଧକ ଓ କର୍ମଚାରୀ ମହାସଂଘ ମଧ୍ୟରେ ଏକ ଆଲୋଚନା କରାଯାଇ ୧୫ଦିନ ମଧ୍ୟରେ ଏକ କ୍ଷୁଦ୍ରକମିଟି ଗଠନ କରାଯାଇ ସେହି କମିଟିର ରିପୋର୍ଟ ମୁତାବକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲିଖିତ ପ୍ରସ୍ତାବ ପାଇବା ପରେ ମହାସଂଘ ତାର ଧର୍ମଘଟ କାର୍ଯ୍ୟକ୍ରମ ସେପ୍ଟେମ୍ବର ୨୨କୁ ଘୁଂଚାଇ ଦେଇଥିଲା ଓ ଦୁଃଖର ବିଷୟ ସରକାର ଆଲୋଚନା ମୁତାବକ ସମାଧାନର କୌଣସି ନିଷ୍ପତି ନେଇ ନାହାନ୍ତି ଓ ତେଣୁ ରାଜ୍ୟର ୧୭ ଗୋଟି ସମବାୟ ବ୍ୟାଙ୍କର କର୍ମଚାରୀ ମାନେ ଆଜିଠାରୁ ୨୭ ତାରିଖ ପର୍ଯ୍ୟନ୍ତ ୩ଦିନିଆ ଧର୍ମଘଟରେ ଓହ୍ଲାଇଛନ୍ତି ଓ ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଆଜି ସଂଘର ସଭାପତି ଗୋପାଳଜୀ ପାଣିଗ୍ରାହୀ ଓ ସମ୍ପାଦକ ଅମିତ କୁମାର ସାମନ୍ତରାଙ୍କ ନେତୃତ୍ୱରେ ଅନ୍ୟ ସମସ୍ତ କର୍ମଚାରୀ ଧାରଣାରେ ଉପସ୍ଥିତ ଥିଲେ ଏବଂ ବ୍ୟାଙ୍କର ସମସ୍ତ ଶାଖାରେ ମଧ୍ୟ କର୍ମଚାରୀ ମାନେ ଧାରଣାରେ ବସିଥିଲେ ଓ ଦାବି ପୂରଣ ନହେଲେ ଆସନ୍ତା ନଭେମ୍ବର ୧୧ତାରିଖରୁ ସମ୍ପୂର୍ଣ ରୂପେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିବେ ବୋଲି ସାଧାରଣ ସମ୍ପାଦକ ଅମିତ କୁମାର ସାମନ୍ତରା ସୂଚନା ଦେଇଛନ୍ତି ।

# ସ୍ୱର୍ଗତ ସମିତି ସଭ୍ୟାଙ୍କ ପରିବାରକୁ ୧ଲକ୍ଷ ବୀମା ରାଶି ପ୍ରଦାନ

କେନ୍ଦ୍ରାପଡ଼ା, ୨୬/୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତରଙ୍ଗ ପ୍ରାଥମିକ କୃଷି ସମବାୟ ସମିତିର ସଭ୍ୟା ଶାନ୍ତିଲତା ପରିଡାଙ୍କ ଆକସ୍ମିକ ମୃତ୍ୟୁରେ ରୟାଲ ସୁନ୍ଦରମ୍ ସାଧାରଣ ବୀମା କମ୍ପାନୀ ତରଫରୁ ତାଙ୍କ ପରିବାରକୁ ଏକଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରାଯାଇଛି । ଶାନ୍ତିଲତା ସମିତିର ଜଣେ ମହିଳା ଚାଷୀ ଭାବେ ୩୦ ହଜାର ଟଙ୍କା ଋଣ ନେଇ ବୀମା କରିଥିଲେ । ଶାନ୍ତିଲତାଙ୍କ ମୃତ୍ୟୁ ପରେ ବୀମା ନିୟମ ଅନୁଯାୟୀ କୁତରଙ୍ଗ ପ୍ରାଥମିକ କୃଷି ସମବାୟ ସମିତି ଆନୁକୂଲ୍ୟରେ ଏକ କାର୍ଯ୍ୟକ୍ରମ ରେ ସମବାୟ ସମିତିର ସଭାପତି ପଦ୍ମନାଭ ସାହୁ, ଉପ ସଭାପତି ସୁମିତ୍ରା ବେହୁରା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସୁଜାତା ଦାସ, ସିସିସିବି ର ପରିଚାଳକ ତାପସ ପ୍ରସାଦ ସିଂହ, ସମିତିର ସଂପାଦକ ହେମନ୍ତ କୁମାର ପାତ୍ର, ପ୍ରଦିପ ନାୟକ, ବିପିନ ମଲିକ, ରାମଚନ୍ଦ୍ର ଦାସ, କୁମିନୀ ମଲିକ, ଜୟନ୍ତ ମହାନ୍ତି, ପ୍ରଶାନ୍ତ ଜେନା, ମାୟାଧର ସାହୁ, ଗୋବିନ୍ଦ ସାହୁ, ଦୁର୍ଯ୍ୟୋଧନ ଜେନା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଶାନ୍ତିଲତାଙ୍କ ସ୍ୱାମୀ ପୁରୁଷୋତମ ପରିଡାଙ୍କୁ ୧ ଲକ୍ଷ ଟଙ୍କାର ଜମାରାଶି ର ଚେକ ପ୍ରଦାନ କରିଛନ୍ତି ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରଶାସନିକ ପ୍ରସ୍ତୁତି ବୈଠକ



ଭଦ୍ରକ , ୨୬/୧୦ (ନି.ପ୍ର): ଅକ୍ଟୋବର ୩୦ ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଏସ୍.ପି. ଭିଜିଲାନ୍ସ, ବାଲେଶ୍ୱର ନରହରି ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନେଇ ଆୟୋଜିତ ଏହି ବୈଠକରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ନେଇ ଜିଲ୍ଲା ଓ ବ୍ଲକ୍ ସ୍ତରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ସପ୍ତାହ ଆରମ୍ଭ ଦିନ ଅକ୍ଟୋବର ୩୦ ତାରିଖ ଦିବା ୧୧ ଘଟିକା ସମୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭି.ସି. ଜରିଆରେ ଶପଥପାଠ କାର୍ଯ୍ୟକ୍ରମରେ ସମସ୍ତ ଅଧିକାରୀ, କର୍ମଚାରୀ, ଜନପ୍ରତିନିଧି ପ୍ରମୁଖ ସାମିଲ ହୋଇ ଶପଥ ପାଠ କରିବେ । ଏହି ସପ୍ତାହ ପାଳନ ଉପଲକ୍ଷେ ହାଇସ୍କୁଲ ସ୍ତରରେ ଓଡ଼ିଆ ଓ ଇଂରାଜୀରେ ପ୍ରବନ୍ଧ, ବକ୍ତୃତା, କାର୍ଟୁନ୍ ଆଦି କ୍ଷେତ୍ରରେ ପ୍ରତିଯୋଗିତା ଆୟୋଜନ କରାଯିବ । ସ୍କୁଲ ପିଲାଙ୍କୁ ନେଇ ଦୁର୍ନୀତି ନିବାରଣ ସଚେତନତା ଉଦ୍ଦେଶ୍ୟରେ ଏକ ପଦଯାତ୍ରା କାର୍ଯ୍ୟକ୍ରମ ସହ ଦୁର୍ନୀତି ନିବାରଣ ସଚେତନତା ନେଇ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହେବ ସପ୍ତାହ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ପାଇଁ ପୁରସ୍କାର ପ୍ରମାଣପତ୍ର ବିତରଣ ସହ ସଚେତନତା ନେଇ ଏକ ଆଲୋଚନା ଚକ୍ର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ ।

# ଲକ୍ଷ୍ମୀ ବସ ପ୍ରତିଛବି ନିର୍ମିତ ଆବାସ ଗୃହରେ ରହିବେ ବୁଦ୍ରା ଗୌଡ଼ଙ୍କ ପରିବାର

ମାଲକାନଗିରି, ୨୬/୧୦ (ନି.ପ୍ର): ଓଡିଶା ରାଜ୍ୟ ପରିବହନ ନିଗମ ଦ୍ୱାରା ଆଦିବାସୀ ଅଧୁଷିତ ମାଲକାନଗିରି ଜିଲ୍ଲାରେ ଚାଲୁଥିବା ଲକ୍ଷ୍ମୀ ବସ ପ୍ରତିଛବି ନିର୍ମିତ ପ୍ରଧାନମନ୍ତ୍ରୀ ଆବାସ ଗୃହରେ ରହିବେ ବୁଦ୍ରା ଗୌଡ଼ ଙ୍କ ପରିବାର । କଥାଟି ବିଶ୍ୱାସ ହେଉନଥିଲେ ହେଁ ସତ । ତେବେ ବାସ୍ତବତା ହେଉଛି ବସ କେବଳ ଏକ ଚିତ୍ର । ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ନିର୍ମାଣ ହୋଇଥିବା ଗୃହକାନ୍ଥରେ ଏଭଳି ଢ଼ଙ୍ଗରେ ଲକ୍ଷ୍ମୀ ବସ ଚିତ୍ର ଅଙ୍କା ଯାଇଛି । ଯେ କୌଣସି ବ୍ୟକ୍ତି ବି ଦେଖିବା ପରେ କିଛି କ୍ଷଣ ପାଇଁ ଅଟକିଯିବ । ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଉଦୁଲିବେଡା ପଂଚାୟତ ଭଇଗୁଡ଼ା ଗ୍ରାମରେ ଏଭଳି ଏକ ଆବସ ଗୃହ ଦେଖିବାକୁ ମିଳିଛି । ଏହାକୁ ନେଇ ଗ୍ରାମରେ ଲୋକମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ପ୍ରଧାନମନ୍ତ୍ରୀ ଆବାସ ଗୃହକୁ ଧାର୍ଯ୍ୟ ସମୟରେ ଶେଷ କରିବା ସହ ବୋନସ ଟଙ୍କା ପାଇବା ପାଇଁ ଲୋକଙ୍କୁ ଅଭିନବ ଉପାୟରେ ସଚେତନତା କରାଯାଉଛି । ଉଦୁଲିବେଡା ପଂଚାୟତ ଅନ୍ତର୍ଗତ ଭଇଗୁଡ଼ା ଗ୍ରାମର ବୁଦ୍ରା ଗୌଡ଼ ଙ୍କ ପରିବାର ମାଟି ଘରେ ରହୁଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବାସଗୃହର କାର୍ଯ୍ୟାଦେଶ ପାଇବା ପରେ କାମ ଆରମ୍ଭ କରିଥିଲେ । ପ୍ରଥମ କିସ୍ତିରେ ୪୦ ହଜାର ଟଙ୍କା ପାଇଥିବା ବେଳେ ଦ୍ୱିତୀୟ କିସ୍ତିରେ ୬୫ ହଜାର ଟଙ୍କା ପାଇସାରିଛନ୍ତି ।ଚାରି ମାସ ମଧ୍ୟରେ ଗାଁ ନିକଟରେ ଏହି ନୂତନ ଆବାସ ଗୃହ ତିଆରି କରିଛନ୍ତି । ସେଥିରେ ୨ଟି କୋଠରୀ ରହିଛି । ସେହି ଗୃହର କାନ୍ଥରେ ଲକ୍ଷ୍ମୀ ବସ ଚିତ୍ର ଅଙ୍କନ କରିଛନ୍ତି । ଯାହାକି ଦୂରରୁ ଏକ ବସ ଛିଡା ହୋଇ ଥିବାର ଦେଖାଯାଉଛି । ଉଦୁଲିବେଡା ପିଇଓ ଅଶୋକ ମହରଣା ନିଜର ପଂଚାୟତରେ ଲୋକଙ୍କୁ ବିଭିନ୍ନ ସଚେତନତା କରିବା ପାଇଁ ସବୁ ସମୟରେ ଉଦ୍ୟମ କରିଆସୁଛନ୍ତି । ସେହି ପଂଚାୟତରେ ଲୋକେ ଆବାସ ଯୋଜନାରେ ଶୀଘ୍ର ଘର ତିଆରି କରି ଗୃହ ପ୍ରବେଶ କରିବାପାଇଁ ସଚେତନତା କରୁଛନ୍ତି । ଏଥିପାଇଁ ଆବାସ ଗୃହ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ଲକ୍ଷ୍ମୀ ବସ ଚିତ୍ର କରିବା ପାଇଁ ସେ ସହଯୋଗ କରିଛନ୍ତି । ଆସନ୍ତା ଦିନରେ ବୁଦ୍ରା ଙ୍କୁ ତୃତୀୟ କିସ୍ତି ଓ ମନରେଗାରେ ୯୫ ଦିନ ଶ୍ରମ ଦିବସର ଟଙ୍କା ପାଇବେ ବୋଲି ସେ କହିଛନ୍ତି । ଆବାସ ଗୃହ ୪ ମାସ କିମ୍ବା ୬ ମାସ ମଧ୍ୟରେ ନିର୍ମାଣ କରି ବୋନସ ଟଙ୍କା ପାଇବା ପାଇଁ ସଚେତନତା କରୁଛନ୍ତି ।

# ଆରଏସ୍ଏସ୍‌ର ୯୮ତମ ବିଜୟା ଦଶମୀ ଉତ୍ସବ ପାଳନ

କେନ୍ଦ୍ରାପଡ଼ା, ୨୬/୧୦ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ସଂଘର ପ୍ରତିଷ୍ଠା ଦିବସ ୯୮ ତମ ବିଜୟା ଦଶମୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସଂଘର ସ୍ୱୟଂ ସେବକ ମାନେ ଇଚ୍ଛାପୁର ମାଉସୀ ମା ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ପଥ ସଂଚଳନ କରି ସ୍ଥାନୀୟ ଅଂଚଳ ପରିକ୍ରମା କରିଥିଲେ । ମାଉସୀ ମା ମନ୍ଦିର ପରିସର ରେ ଅନୁଷ୍ଠିତ ବିଜୟା ଦଶମୀ ଉତ୍ସବରେ ଜିଲ୍ଲା ସଂଘ ଚାଳକ ନିହାର ରଞ୍ଜନ ପଣ୍ଡା ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ର ସହ ସଂପାଦକ ଅରବିନ୍ଦ ସାହୁ ଅଧକ୍ଷ ଭାବେ ଯୋଗ ଦେଇଥିଲେ । ସଂଘର ସହ ପୂର୍ବପ୍ରାନ୍ତ ପ୍ରଚାରକ ସୃଷ୍ଟିଧର ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଦୀର୍ଘ ୯୮ ବର୍ଷ ଧରି ସଂଘର ସ୍ୱୟଂ ସେବକ ମାନେ ନିଷ୍ଠାର ସହ ସମାଜର ପରିବର୍ତ୍ତନ ପାଇଁ କରି ଆସୁଥିବା ନିତ୍ୟ ସାଧନା ର ଫଳ ଦେଶରେ ଅନୁଭୁତ ହେବାରେ ଲାଗିଛି ବୋଲି ପ୍ରକାଶ କରିବା ସହ ସଂଗର ନିଜର ସିଦ୍ଧାନ୍ତରେ ଅଟଳ ରହି ସମାଜ ଗଠନରେ ଲାଗିଛି ବୋଲି ବକ୍ତବ୍ୟ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଭାଗ ପ୍ରଚାରକ ଲକ୍ଷ୍ମୀଧର ପରିଡା, ଜିଲ୍ଲା କାର୍ଯ୍ୟବାହ ବାଇଧର ରାଉତ, ଅଶୋକ କୁମାର ସୁଆର, ଦିପ୍ତି ରଞ୍ଜନ ନାୟକ, ଗୋଲଖ ବେହେରା ପ୍ରମୁଖ କାର୍ଯ୍ୟକର୍ତା ମାନେ ଉପସ୍ଥିତ ଥିଲେ ।

# ଡ଼ ଗଙ୍ଗାଧର ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ

ଜୟପୁର, ୨୬/୧୦ (ନି.ପ୍ର): ସ୍ଥାନୀୟ ପଂଚାନନ ମନ୍ଦିର କଲ୍ୟାଣ ମଣ୍ଡପଠାରେ ୪ ଡ଼ ଗଙ୍ଗାଧର ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା ।
ହରିହର କରସୁଧା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଶ୍ଚିମ ପ୍ରାନ୍ତ ଧର୍ମ ଜାଗରଣ ପ୍ରମୁଖ ବିକ୍ରମ ଆଚାର୍ଯ୍ୟ ମୁଖ୍ୟ ଅତିଥି,ସହପ୍ରାନ୍ତ କାର୍ଯ୍ୟବାହ ହରିଶ୍ଚନ୍ଦ୍ର ପରିଡା ମୁଖ୍ୟବକ୍ତା, ଭାରତୀୟ ମଜଦୁର ସଂଘର ପ୍ରାକ୍ତନ ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି,ବିଶିଷ୍ଟ ସାହିତ୍ୟିକ ଯଜ୍ଞେଶ୍ୱର ପଣ୍ଡା ବରିଷ୍ଠ ଅତିଥିଭାବେ ଯୋଗ ଦେଇଥିଲେ ।ଡ଼ ଗଙ୍ଗାଧର ନନ୍ଦ ଜଣେ ବ୍ୟକ୍ତି ନୁହଁ ବରଂ ଏକ ଅନୁଷ୍ଠାନ ଏବଂ ଆନ୍ଦୋଳନ ମଧ,ସେ ଜଣେ ବହୁ ଆୟାମୀ ବ୍ୟକ୍ତିତ୍ୱର ଅଧିକାରୀ, ଜଣେ ନିର୍ଭୀକ,ଦକ୍ଷ,ପ୍ରତ୍ୟକ୍ଷ ବାଦୀ ସଙ୍ଗଠକ,ରାଷ୍ଟ୍ର ପାଇଁ ସଦାସର୍ବଦା ଯୁଦ୍ଧ କରୁଥିବା ଏକ ମହାପୁରୁଷ, ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସମାଜ ଓ ରାଷ୍ଟ୍ର ପାଇଁ ଲଢୁଥିବା ଏକ ଅଗ୍ରଣୀ ନେତା,ଜଣେ ପ୍ରଜ୍ଞାବାନ୍ ଓ ଦୀପ୍ତିମନ୍ତ ପୁରୁଷ ଥିଲେ ତଥା ସହରର ଏକ ମାର୍ଗକୁ ତାଙ୍କ ନାମରେ କରାଯିବା ନିମନ୍ତେ ଉଦ୍ୟୋକ୍ତା ମାନେ ମତ୍ୱ୍ୟକ୍ତ କରିଥିଲେ ।
ଲକ୍ଷ୍ମୀକାନ୍ତ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ କୃଷ୍ଣକେଶବ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ସଂଘ ପରିବାରର ବାବୁ ଭାଇ ବଜରଙ୍ଗୀ, ଡ ନିରଞ୍ଜନ ମିଶ୍ର, ଡ଼ ପ୍ରଦୀପ ମିଶ୍ର, ରବୀନ୍ଦ୍ର ସାହୁ,ଲକ୍ଷ୍ମୀ ବିଶୋଇ ,କୈଳାଶ ଅଗ୍ରୱାଲ୍ ,ଲଳିତ ଅଗ୍ରୱାଲ୍, କୁଞ୍ଜବିହାରୀ ପାଠୀ, ସୁବ୍ରତ ପଣ୍ଡା, ସୁରେନ୍ଦ୍ର ମାଦଳା, ଅଶୋକ ପାଢୀ, ସତ୍ୟପ୍ରିୟ ସୁଆର, ରମେଶ ପଣ୍ଡାଙ୍କ ସମେତ ଧୀରେନ୍ ପଟ୍ଟନାୟକ, ଜାନକୀ ପାଣିଗ୍ରାହୀ, ବିଜୟ ଭଟ୍ଟ, ସତ୍ୟ ନାରାୟଣ ମିଶ୍ର, ଉମାକାନ୍ତ ମହାରଣା, ପିଲୁ ଦାସ, ମଦନ ମୋହନ ନାୟକ, ସୁବାସ ପଣ୍ଡା, ମିନକେତନ ଦାଶ, ରାମକୃଷ୍ଣ ଷଡ଼ଙ୍ଗୀ, ଅଶୋକ କୁମାର ପଲେଇ, ବଂଶୀ ସାମନ୍ତରାୟ ପ୍ରମୁଖ ଅନେକ କାର୍ଯ୍ୟକର୍ତ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଆନୁଷ୍ଠାନିକ ପ୍ରସବରେ ମା' ଗୃହର ଭୂମିକା ଶିର୍ଷକ ଆଲୋଚନା ଚକ୍ର

କନ୍ଧମାଳ, ୨୬/୧୦ (ନି.ପ୍ର): ଫୁଲବାଣୀ, ଚିରସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲରେ ସ୍ୱାସ୍ଥ୍ୟ ସେବା ମଧ୍ୟରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଶିଶୁ ଓ ମାତୃ ମୃତ୍ୟୁ ହାର କମାଇବାରେ ଆନୁଷ୍ଠାନିକ ପ୍ରସବ ର ମହତ୍ୱ ଯଥେଷ୍ଟ ଅଧିକ । ଜନ ସଚେତନତା ସୃଷ୍ଟି କରାଇ ଉପାନ୍ତ ଅଂଚଳ ଗୁଡିକରେ ସମସ୍ତ ଗର୍ଭବତୀ ମାନଙ୍କୁ ଘରୋଇ ପ୍ରସବରୁ ନିବୃତ କରାଇବା ଏକ କଷ୍ଟକର ବ୍ୟାପାର । ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛା ସେବୀ ଅନୁଷ୍ଠାନ ସ୍ୱାତୀ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ମିଳିତ ସହଯୋଗରେ ଟିକାବାଲି ଠାରେ ଏକ ମା ଗୃହ ପରିଚାଳିତ ହୋଇ ଆସୁଅଛି ଏବଂ ଗାଡିଙ୍ଗିଆ ଅଂଚଳର ଅଧିବାସୀ ମାନେ ମଧ୍ୟ ଏଥିରୁ ଲାଭବାନ ହେଉଛନ୍ତି । କିନ୍ତୁ ଅବୁଝା ଭାବେ ରହିଯାଉଥିବା ପରିବାରଙ୍କୁ ସଚେତନ କରିବା ନିମନ୍ତେ ମଣ୍ଡାନାକୁ ଅଙ୍ଗନବାଡି କେନ୍ଦ୍ର ଠାରେ ଏକ ଆଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ସ୍ଥାନୀୟ ସରପଂଚ ଜିତେନ୍ଦ୍ର ମଲ୍ଲିକ ଅତିଥି ଭାବେ ଯୋଗଦେଇ ଗ୍ରାମାଂଚଳରେ ଥିବା ଅନ୍ଧବିଶ୍ୱାସ କୁ ଦୂରେଇ ଅନୁଷ୍ଠାନରେ ପ୍ରସବ କରାଇବାକୁ ଆହ୍ୱାନ ଦେଇଥିଲେ, ତତ୍ ସହିତ ମହିଳା ପରିଦର୍ଶିକା ଦ୍ରୌପଦୀ ବିନ୍ଧାଣି ଓ ରଞ୍ଜାବୁଡି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡା.ରାହୁଲ କୁମାର ତ୍ରିପାଠୀ ବାଲ୍ୟବିବାହ ହେବା ଦ୍ୱାରା କିପରି ମାତୃ ଓ ଶିଶୁ ମୃତ୍ୟୁହାର ବଢୁଛି ତାହା ଉପସ୍ଥାପନା କରିଥିଲେ ଏବଂ ମା ଗୃହରେ ରହି ଡାକ୍ତରଖାନାରେ ପ୍ରସବ ହେବା ନିମନ୍ତେ ବୁଝାଇଥିଲେ । ଅନୁଷ୍ଠାନ ତରଫରୁ ବିଶ୍ୱରଞ୍ଜନ କର ଉପସ୍ଥିତ ରହି ସୁରକ୍ଷିତ ମାତୃତ୍ୱ ଲାଭ ନିମନ୍ତେ ଆନୁଷ୍ଠାନିକ ପ୍ରଶବର ର ଗୁରୁତ୍ୱ କୁ ବୁଝାଇବା ସହ ମା ଗୃହର ସେବା କିପରି ସଂଯୋଗିକରଣ କରୁଛି ତାହା ଜଣାଇଥିଲେ । ମା ଗୃହ ତରଫରୁ ମାମିନା କହଁର ଓ ଗୀତାଞ୍ଜଳୀ କହଁର ଦିଆଯାଉଥିବା ସେବାଗୁଡିକ ବିଷୟରେ ବିସ୍ତୃତ ବିବରଣୀ ରଖି କିପରି ସମସ୍ତ ଗର୍ଭବତୀ ସେଠାକୁ ଆସି ସୁରକ୍ଷିତ ମାତୃତ୍ୱ ଲାଭ କରିପାରିବେ ତାହା ଅନୁରୋଧ କରିଥିଲେ । ସ୍ଥାନୀୟ ଏ.ଏନ.ଏମ. ନିରଦା ନାୟକ ସ୍ଥାନୀୟ ଅଂଚଳରେ ଥିବା ଗୁଣି ଗାରେଡି ବିଶ୍ୱାସ ବିଷୟରେ ଉପସ୍ଥାପନା କରିବା ସହ ମା ଓ ଶିଶୁ ସୁସ୍ଥ ରହିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସୂଚନା ପ୍ରଦାନ କରିଥିଲେ । ଆଲୋଚନା ଶେଷରେ ରଞ୍ଜାବୁଡି ଗ୍ରାମର ଜଣେ ଅତିଶୟ ପୁଷ୍ଟିହୀନ ଶିଶୁ ଙ୍କ ଗୃହ ପରିଦର୍ଶନ କରି ପୁଷ୍ଟି ସାଧନ କେନ୍ଦ୍ରକୁ ପଠାଇବା ପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ପ୍ରସୁତି ଓ ଗର୍ଭବତୀ ଉପସ୍ଥିତ ଥିବା ବେଳେ କୋଡିଏ ରୁ ଉର୍ଦ୍ଧ୍ୱ ଆଶା ଓ ଅଙ୍ଗନଓାଡି କର୍ମୀ ଉପସ୍ଥିତ ଥିଲେ ।

# ଦେଶୀ ମଦ ଜବତ: ବେପାରୀ ଅଦାଲତ ଚାଲାଣ

କୋରେଇ, ୨୬/୧୦ (ନି.ପ୍ର): ପାଣିକୋଇଲି ପୁଲିସ ଦେଶୀ ମଦ ଜବତ କରିବା ସହ ବେପାରୀକୁ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି । ପ୍ରକାଶଯେ ପାଣିକୋଇଲି ଥାନା ପକ୍ଷରୁ ଦେଶୀ ମଦ ବିକ୍ରିର ଖବର ପାଇ ମଙ୍ଗଳବାର ସନ୍ଧ୍ୟାରେ ଚଢାଉ କରାଯାଇଥିଲା । ଶଙ୍ଖଚିଲା ନାଉଡପୁର ଛକରେ ଦେଶୀ ମଦ ଯାଉଥିବା ଖବର ପାଇ ପୁଲିସ ପହଂଚିବାରୁ ଏକ ହିରୋ ପ୍ୟାସିଅନ ମଟର ସାଇକେଲ (ଓଆର୦୪ପି ୩୮୮୦)କୁ ସନ୍ଦେହ ହେବାରୁ ତାକୁ ଅଟକାଇଥିଲା । ତା ନିକଟରୁ ୨ ପୋଟି (୫୦ ବୋତଲ ଆସ୍କା ଫର୍ଟି ଥିବା ଯାଂଚ ସମୟରେ ଜଣାପଡିଥିଲା । ଏନେଇ ବେପାରୀ ଯାଜପୁରରୋଡ ଥାନା ଅନ୍ତର୍ଗତ ରାଉତରାପୁର ଗ୍ରାମର ମକର ସାହୁଙ୍କ ପୁଅ ବିଜୟ ସାହୁ(୩୫)କୁ ପୁଲିସ ଧରିବାକୁ ସକ୍ଷମ ହୋଇଥିଲା । ଏନେଇ ଏକ ମାମଲା ୩୦୬/୨୩ ରୁଜୁ କରାଯାଇ ଆଜି ବିଜୟକୁ ଦଫା ୫୨(ଏ) ଓଡିଶା ଅବକାରୀ ଆଇନରେ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ଏସଆଇ ଅମୀୟ କୁମାର ବେହେରାଙ୍କ ସୂତ୍ରରୁ ପ୍ରକାଶ ।

# ନଭେମ୍ବର ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ

ବଲାଙ୍ଗୀର, ୨୬/୧୦ (ନି.ପ୍ର): ନଭେମ୍ବର ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଛି । ନଭେମ୍ବର ମାସ ୦୬ ତାରିଖ ସୋମବାର ସକାଳ ଘ ୧୦.୩୦ ସମୟରେ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହେବ । ୧୩ ତାରିଖ ସୋମବାର ସକାଳ ୧୦.୩୦ ମି.ରେ ଗୁଡଭେଲା ବ୍ଲକ କାର୍ଯ୍ୟାଳୟ ଠାରେ , ୨୦ ତାରିଖ ସୋମବାର ସକାଳ ୧୦.୩୦ ମି ରେ ମୁରିବାହାଲ ବ୍ଲକ କାର୍ଯ୍ୟାଳୟ ଠାରେ, ୨୮ ତାରିଖ ସୋମବାର ସକାଳ ଘ ୧୦.୩୦ ମିରେ ଲୋଇସିଂହା ବ୍ଲକ କାର୍ଯ୍ୟାଳୟ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ଅନୁଷ୍ଠିତ ହେବ । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ସମ୍ପୃକ୍ତ ଅଂଚଳର ଜନସାଧାରଣ ସେମାନଙ୍କର ବ୍ୟକ୍ତିଗତ ତଥା ସାମୁହିକ ସମସ୍ୟାମୂଳକ ଅଭିଯୋଗ ଜଣାଇପାରିବେ । ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ସମ୍ପୃକ୍ତ ଅଂଚଳର ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ କରି ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବେ । ସମ୍ପୃକ୍ତ ଅଂଚଳର ଜନସାଧାରଣ ଏହି ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମରେ ନିଜ ନିଜର ଅଭିଯୋଗ ଜଣାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

# ପାନୀୟ ଜଳର ଅପବ୍ୟବହାର: ପଂଚାୟତବାସୀ ପାଣି ପାଉନଥିବା ଅଭିଯୋଗ

କେନ୍ଦ୍ରାପଡ଼ା, ୨୬/୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ଗ୍ରାମପଂଚାୟତର ସାହସପୁର ଗ୍ରାମର କୁମ୍ଭାର ସାହି ଗଡାରେ ଜନୈକ ବ୍ୟବସାୟୀ ପଂଚାୟତ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାନୀୟଜଳକୁ ଅପବ୍ୟବହାର କରୁଥିବା ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ କଂସାର ପଂଚାୟତର ପାନୀୟ ଜଳ ପ୍ରକଳ୍ପରୁ ପିଇବା ପାଣି ପଂଚାୟତର ଅଧିବାସୀମାନଙ୍କୁ ଯୋଗାଇ ଦିଆଯାଇଥାଏ । ଜନୈକ ବ୍ୟକ୍ତି ସେହି ପାନୀୟ ଜଳକୁ ବିଦ୍ୟୁତ ଚାଳିତ ମୋଟର ସାହାଯ୍ୟରେ ଏକ ବିରାଟ ପାଣିଟାଙ୍କି କରି ଭର୍ତି କରି ସେହି ପାଣିକୁ ଲୋକମାନଙ୍କ ଗାଡି, ମୋଟର, ଟ୍ରାକ୍ଟର ପ୍ରଭୃତି ଧୋଇ ବ୍ୟବସାୟ କରୁଥିବା କଂସାର ସରପଂଚଙ୍କ ନିକଟରେ ଅଭିଯୋଗ ହୋଇଛି । ବ୍ୟବସାୟୀ ଜଣଙ୍କ ଏଭଳି କରିବା ଦ୍ୱାରା ପଂଚାୟତରେ ପାନୀୟଜଳର ଅଭାବ ଦେଖାଦେଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ପୂର୍ବରୁ କଂସାର ପଂଚାୟତବାସୀ ସରପଂଚ ସରୋଜିନୀ ନାୟକଙ୍କୁ ଅଭିଯୋଗ କରିବାରୁ ସରପଂଚ ସଂପୃକ୍ତ ବ୍ୟବସାୟୀଙ୍କୁ ଏଭଳି କାର୍ଯ୍ୟ ନକରିବା ପାଇଁ ତାଗିଦ୍ କରିଥିଲେ । କିନ୍ତୁ ସେହି ବ୍ୟବସାୟୀ ଜଣଙ୍କ ସରପଂଚଙ୍କ କଥା ନମାନି ପୂର୍ବଭଳି ପଂଚାୟତ ପାନୀୟ ଜଳର ବ୍ୟାପକ ଅପବ୍ୟବହାର କରୁଥିବାରୁ ଏ ସମ୍ପର୍କରେ ପଂଚାୟତବାସୀଙ୍କ ପକ୍ଷରୁ ଗ୍ରାମାଂଚଳ ପାନୀୟଜଳ ଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

# ପାଦ ଛନ୍ଦାରୁ ନୁପୂର ସ୍ୱର ପର୍ଯ୍ୟନ୍ତ ନୃତ୍ୟରେ ନିମଗ୍ନା ସ୍ୱୀକୃତି ମହାପାତ୍ର

ପୁରୀ, ୨୬/୧୦ (ନି.ପ୍ର): ପିଲାଟି ଦିନରୁ ନୃତ୍ୟ ପ୍ରତି ରହିଛି ଆଗ୍ରହ । ଟିଭିରେ ଓଡ଼ିଶୀ ନୃତ୍ୟ ଦେଖି ଆସ୍ତେ ଆସ୍ତେ ପାଦ ଛନ୍ଦି ନାଚିବା ଆରମ୍ଭ କରିଥିଲେ କୁନି ନୃତ୍ୟଶିଳ୍ପୀ ସ୍ୱୀକୃତି ମହାପାତ୍ର । ଡାକନାମ ଗୁଡୁଲି । ତାଙ୍କ ପିତା ପ୍ରତାପ ଚନ୍ଦ୍ର ମହାପାତ୍ର ଓ ମାଆ ସସ୍ମିତା ମହାପାତ୍ର ଝିଅର ନୃତ୍ୟ ଆଗ୍ରହ ଦେଖି ନୃତ୍ୟଗୁରୁ ଅଶୋକ କୁମାର ଦାଶ ଓ ରୋଜାଲିନ ପଣ୍ଡାଙ୍କ ନୃତ୍ୟ ଅନୁଷ୍ଠାନକୁ ନୃତ୍ୟ ଶିଖିବା ପାଇଁ ପଠାଇଥିଲେ । ଆସ୍ତେ ଆସ୍ତେ ଓଡ଼ିଶୀ ନୃତ୍ୟ ନାଚୁ ନାଚୁ ଏବେ ବେଶ ନୃତ୍ୟରେ ନିପୁଣ ହୋଇଗଲେଣି । ପୁରୀର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଓଡ଼ିଶୀ ନୃତ୍ୟ ଓ ପ୍ରତିଭା ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ସଫଳ ହୋଇଛନ୍ତି । ତାଳ, ଲୟ, ଛନ୍ଦ ଓ ସ୍ୱର ସମନ୍ୱୟ ରକ୍ଷାକରି ସ୍ୱୀକୃତି ଓଡ଼ିଶୀ ନୃତ୍ୟ କରିବାରେ ବେଶ ଦକ୍ଷତା ହାସଲ କରିଛନ୍ତି । ଖାଲି ପୁରୀ ସହର ନୁହେଁ ପୁରୀ ଜିଲ୍ଲା ସମେତ ରାଜଧାନୀ ଭୁବନେଶ୍ୱର ସହ ଅନ୍ୟ ଜିଲ୍ଲାରେ ନୃତ୍ୟ କରି ସଫଳତା ପାଇଛନ୍ତି । ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପ, ଓଡ଼ିଶୀ ରିସର୍ଚ୍ଚ ସେଂଟର, ଭଞ୍ଜକଳା ମଣ୍ଡପ ସମେତ କୋଣାର୍କ ମହୋତ୍ସବରେ ନୃତ୍ୟ କରି ପ୍ରଶଂସା ସାଉଁଟିଛନ୍ତି ସ୍ୱୀକୃତି । କଲିକତାର ଖଡ଼ଗପୁରୁରେ ସ୍ୱୀକୃତିଙ୍କ ନୃତ୍ୟଦେଖି ଦର୍ଶକଙ୍କ କରତାଳି ବାଜିଉଠିଥିଲା । ପାଠପଢ଼ା ସହ ନୃତ୍ୟ ଅଭ୍ୟାସ କରିବା ପାଇଁ ବେଶ କଷ୍ଟ ସହିଛନ୍ତି । ଏବେ ସେ ପ୍ରଭୁଜୀ ଇଂରାଜୀ ମିଡ଼ିୟମ ସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନରତ । ସ୍କୁଲର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ପ୍ରଂଶସାର ପାତ୍ର ହୋଇଛନ୍ତି । ଓଡ଼ିଶୀ ନୃତ୍ୟ ସହ ମାହାରୀ, ସମ୍ବଲପୁରୀ ନୃତ୍ୟ ଓ ଭଜନରେ ନୃତ୍ୟ କରି ସଫଳତା ହାସଲ କରିଛନ୍ତି । ରଥଯାତ୍ରା ସମୟରେ ସିଂହଦ୍ୱାର ସମ୍ମୁଖରେ ହେଉଥିବା ପହଣ୍ଡି, ବାହୁଡ଼ାଯାତ୍ରା ବେଳେ ନାକଚଣା ଦ୍ୱାର ଠାରେ ତାଙ୍କ ଅନୁଷ୍ଠାନ ପକ୍ଷରୁ ସାମୁହିକ ନୃତ୍ୟରେ ତାଳକୁ ତାଳ ମିଶାଇ ନୃତ୍ୟ କରି ଭକ୍ତଙ୍କ ମହଲରେ ପ୍ରଶଂସିତ ହୋଇଛନ୍ତି । ପୁରୀର ଶିଳ୍ପୀ ଏଂଟରଟେନମେଂଟ, ଇଂଟର ଷ୍ଟୁଡ଼ିଜ କଲଚରାଲ, କୁମାର ଉତ୍ସବ, ଶିଶୁ ସମାଚାର, ବିଶ୍ୱ ନାଟ୍ୟ ଦିବସ, ଇଂଟରନ୍ୟାସନାଲ ମେଘା ଡ୍ୟାନ୍ସ ଫେଷ୍ଟିବାଲ, ଫୋକ୍ ଫେୟାର, ବିଚ୍ ଫେଷ୍ଟଭାଲ, ଗ୍ଲୋରୀ ଫେଷ୍ଟ ସମେତ ବହୁ ଅନୁଷ୍ଠାନରେ ନୃତ୍ୟ କରି ସମ୍ମାନିତ ହୋଇଛନ୍ତି । ତାଙ୍କ ନୃତ୍ୟର ମାଧୁର୍ଯ୍ୟରେ ଦର୍ଶକ ହୋଇଛନ୍ତି ବିମୋହିତ । ଆଗକୁ କିପରି ଭଲ ନୃତ୍ୟ କରିବେ ସେଥିପାଇଁ ଲୟ ରଖିଛନ୍ତି ସ୍ୱୀକୃତି । ନୃତ୍ୟ ଶିକ୍ଷା ପାଇଁ ପ୍ରେରଣାର ଉତ୍ସ ହେଉଛନ୍ତି ତାଙ୍କ ବଡ଼ ଭଉଣୀ ସମୀକ୍ଷା ମହାପାତ୍ର । ଭଲ ନୃତ୍ୟ ପ୍ରଦର୍ଶନ ପାଇଁ ମାର୍ଗ ଦର୍ଶନ ଦେଉଛନ୍ତି ତାଙ୍କ ଜେଜେ ବାପା ବନମାଳି ମହାପାତ୍ର ଓ ଜେଜେମା ସୌଦାମିନୀ ମହାପାତ୍ର ।

# ସମାଲୋଚନାମୂଳକ ଭାବନା

**ସବୁବେଳେ ଆମର ମସ୍ତିଷ୍କରେ କିଛି ନା କିଛି ଭାବନା ଥାଏ, ଆଉ ତା' ଅନୁସାରେ ଆମର କର୍ମ ହେଉଥାଏ । ଆମେ ଚାହିଁଲେ ବି ତା'କୁ ବନ୍ଦ କରିପାରିବାନି । ସମାଲୋଚନାମୂଳକ ଭାବନାରେ ଯେଉଁସବୁ ବିଷୟ୍ ଗୁଡ଼ିକ ବାଧା ସୃଷ୍ଟି କରିଥାଏ ତାହା ନିମ୍ନରେ ଦିଆଗଲା ।**



ନକାରାତ୍ମକ ମନୋବୃତି: ମନରେ ନକରାତ୍ମକ ଭାବନା ଥିଲେ ଆମେ କୌଣସି ସିଦ୍ଧାନ୍ତ ନେବା ପୂର୍ବରୁ ସମାଲୋଚନାମୂଳକ ଭାବନାର ଠିକ୍ ବ୍ୟବହାର କରିପାରିବା ନାହିଁ ।। ନକାରାତ୍ମକ ମନୋବୃତିର ଲୋକମାନେ ପ୍ରତ୍ୟେକ ଘଟଣାରେ ଲାଭ ପରିବର୍ତେ କ୍ଷତି ଓ ଉପକାର ପରିବର୍ତ୍ତେ ଅପକାର ଦେଖିଥାନ୍ତି । ଏପରି ମନୋବୃତ୍ତି ରହିଲେ ଆମେ ସବୁବେଳେ ଦୁଷ୍ଚିନ୍ତା ଶିକାର ହେବା ଏବଂ ନିରାଶା ହିଁ ଯନ୍ତ୍ରଣା ଦେବ । ସବୁବେଳେ ଆମ ମନରେ ନାହିଁ ର ଭାବନାଟା ମାଡ଼ିଆସିବ । ଚାରିପଟେ ଆଲୁଅ ଥାଇ ବି ଅନ୍ଧାର ଦେଖାଯିବ । ଏଣୁ ସମାଲୋଚନାମୂଳକ ଭାବନାର ପ୍ରଥମପାହାଚ ହେଲା ସକାରାତ୍ମକ ମନୋଭାବ । ଆମେ ସବୁବେଳେ ଆଶାବାଦୀ ହେବାକୁ ପଡ଼ିବ । ମନରେ ସବୁବେଳେ 'ହଁ'ର ପ୍ରାଧାନ୍ୟ ବଜାୟ ରଖିବାକୁ ପଡ଼ିବ । ଯଦି ମନୋବୃତ୍ତ ସକାରାତ୍ମକ ଥିବ ଆମେ ସମ୍ୟକ ଆଲୋଚନା କରି ଠିକ୍ ସିଦ୍ଧାନ୍ତ ନେଇପାରିବା ।

ତରବରିଆ ଭାବ: ଆମେ ଅଧିକାଂଶ ସମୟରେ କୌଣସି ବିଷୟରେ ଗଭୀର ଭାବରେ ନଭାବି, ଆଲୋଚନା ନକରି ତରବରିଆ ଭାବରେ ସିଦ୍ଧାନ୍ତ ନେଇଯାଉ । ସତେ ଯେପରି କାମଟି ଆମ ମୁଣ୍ଡ ଉପରେ ଏକ ବୋଝ ।। ଏହି ତରବରିଆ ଭାବ ସମାଲୋଚନାମୂଳକ ଭାବନାରେ ବାଧା ସୃଷ୍ଟି କରିଥାଏ । ତରବର ହେବା ଯୋଗୁ ଆମେ ଠିକ୍ ତଥ୍ୟ ନଜାଣି ଭୁଲ ବାଟରେ ଯାଇ ସିଦ୍ଧାନ୍ତ ନେଉ । ଯାହା ଫଳରେ କାମଟି ବି ଭୁଲ୍ ହୋଇଯାଏ । ଅଧିକାଂଶ ଲୋକ ନିଜର ଏହି କୁଗୁଣକୁ ଜାଣି ମଧ୍ୟ ସଚେତନ ହୁଅନ୍ତି ନାହିଁ କିମ୍ବା ପ୍ରତିକାର କରନ୍ତି ନାହିଁ ।

ସମାଲୋଚନାମୂଳକ ଭାବନାର ସୁଫଳ ପାଇବାକୁ ହେଲେ ତରବରିଆ ଭାବଟାକୁ ଛାଡ଼ି ଧୈର୍ଯ୍ୟ ବଢ଼ାଇବାକୁ ପଡ଼ିବ । ମନକୁ ଆୟତ କରିବାକୁ ପଡ଼ିବ । ଏଥିଯୋଗୁଁ ଯୋଗ ବା ଧ୍ୟାନ କରିବାର ଅଭ୍ୟାସ କଲେ ବହୁତ ଉତ୍ତମ । ଧୀରସ୍ଥିର ମନରେ ସବୁଆଡ଼କୁ ନଜର ରଖି ଯଦି ଆମେ କୌଣସି ବିଷୟରେ ସମାଲୋଚନାମୂଳକ ଭାବନାରେ ନିଷ୍ପତ୍ତି ନେବା ଫଳପ୍ରଦ ହେବ । ଏହାଦ୍ୱାରା ଅସମ୍ଭବକୁ ମଧ୍ୟ ସମ୍ଭବ କରାଯାଇପାରିବ ।

ଅତିବୁଦ୍ଧିଆ: ବୁଦ୍ଧିଅବା ଜ୍ଞାନ ସବୁଲୋକଙ୍କ ପାଖରେ ଅଛି । ସାଧାରର ଜ୍ଞାନ ବା ବିବେକ ପାଇଁ କୌଣସି ସ୍କୁଲ ଅବା ବିଦ୍ୟାଳୟ ପାଠର ଆବଶ୍ୟକତା ନାହିଁ । କିନ୍ତୁ ଅନେକ ଲୋକ ନିଜକୁ ଅତି ବୁଦ୍ଧିଆ ଭାବି ଠିକ୍ କାମକୁ ବି ଭୁଲ୍ କରିବସନ୍ତି ଅବାଟରେ ଯାଇ ଖାଲରେ ପଡ଼ନ୍ତି । ଆମର ସବଜାନତା (ଆମେ ସବୁ ଜାଣିଛୁ) ମନୋଭାବ ଆମକୁ ଭୁଲ ବାଟରେ ନେଇ ଯାଇଥାଏ । ମନର ଅହଙ୍କାର ଯୋଗୁ ଅତିବୁଦ୍ଧିଆ ପଣଟା ସୃଷ୍ଟି ହୋଇଥାଏ ଏପରି ଲୋକମାନେ ନିଜର ଭୁଲ୍ ନମାନି ଅନ୍ୟର ଦୋଷ ଦିଅନ୍ତି ।

ନିଜକୁ ଅତିବୁଦ୍ଧିଆ ଭାବୁଥିବା ଲୋକମାନେ ନିଜ ଜ୍ଞାନ କୌଶଳର ଅପବ୍ୟବହାର କରି ନିଜ ଜୀବନର କ୍ଷତି କରିଥାନ୍ତି । ନିଜ ଉପରେ ବିଶ୍ୱାସ ଓ ପ୍ରଖର ବୁଦ୍ଧିଥିବା ଦରକାର କିନ୍ତୁ ଅତି ମାତ୍ରାରେ ନୁହଁ । ଏସବୁର ସନ୍ତୁଳନ ରହିବା ଦରକାର । ସମାଲୋଚନାମୂଳକ ଭାବନାର ସଠିକ୍ ପ୍ରୟୋଗ କରିବାକୁ ହେଲେଏହି ଅତିବୁଦ୍ଧିଆ ଗୁଣଟି ଛାଡ଼ିବାକୁହେବ ।

ସ୍ୱାର୍ଥପର ମନୋବୃତ୍ତି: ସ୍ୱାର୍ଥପର ଲୋକମାନେ ସବୁବେଳେ ନିଜ ସ୍ୱାର୍ଥ ହାସଲ କରିବା ପାଇଁ ଅନ୍ୟର କ୍ଷତି କରିବାକୁ ପଛାନ୍ତି ନାହିଁ । ପାପପୁଣ୍ୟ, ନୀତି, ଠିକ ଭୁଲ କିଛି ବିଚାର କରିବାକୁ ସେମାନେ ପ୍ରସ୍ତୁତ ନଥାନ୍ତି । ତାଙ୍କର ଆଖିଯଶ ଥାଏ କେବଳ ସ୍ୱାର୍ଥ ହାସଲରେ । ସବୁବେଳେ ସେମାନଙ୍କର ଗୋଟିଏ ଭାବନା 'ମୁଁ' 'ମୁଁ ଓ 'ମୁଁ' । ଅନ୍ୟମାନଙ୍କର ସ୍ୱାର୍ଥପ୍ରତି ସେମାନେ ଅନ୍ଧ ପାଲଟି ଯାଆନ୍ତି । ଏହ,ଲହିଁ ସମାଲୋଚନାମୂଳକ ଭାବନାର ଏକ ବଡ଼ ପ୍ରତିବନ୍ଧକ । ସ୍ୱାର୍ଥକୁ ନଛାଡ଼ିଲେ ଆମର ଭାବନା ଶୁଦ୍ଧ ହେବନାହିଁ କିମ୍ବା ସିକାରାତ୍ମକ ହେବନାହିଁ । କିଛି ପାଇବାକୁ ହେଲେ ଆମକୁ ଅନେକ କିଛି ତ୍ୟାଗ କରିବାକୁ ହେବ । ଏଣୁ ସମାଲୋଚନାମୂଳକ ଭାବନାରେସଠିକ୍ ସିଦ୍ଧାନ୍ତ ନେବାକୁ ହେଲେ ଆମକୁ ନିସ୍ୱାର୍ଥପର ମନୋଭାବ ରଖିବାକୁ ହେବ ।

ସମାଲୋଚନାମୂଳକ ଭାବନାର ସଦବ୍ୟବହାର କରିବାକୁ ହେଲେ ଉତ୍ତର ଲିଖିତ ପ୍ରତିରୋଧକ ଗୁଣଗୁଡ଼ିକ ପ୍ରତି ସଚେତନ ହେବା ନିହାତି ଜରୁରି । ସେସବୁ ଗୁଡ଼ିକ ଯେପରି ଆମ ମନକୁ ଆକ୍ରାନ୍ତ ନକରେ ବା ପ୍ରଭାବିତ ନକରୁ ସେଥିପ୍ରତି ଧ୍ୟାନ ଦେବାକୁ ହେବ ।

# ଆମେ ବ୍ୟବହାର କରୁଥିବା ଅତରରୁ ହୋଇପାରେ କର୍କଟ ପରି ସାଂଘାତିକ ରୋଗ

ଡିଓଡୋରାଣ୍ଟ ବା ଅତର ବ୍ୟବହାର କରିବାର ସଉକ ପ୍ରାୟ ସବୁ ଲୋକଙ୍କ ଭିତରେ ଥାଏ । କେହି କେହି ଭିନ୍ନ ଭିନ୍ନ ଅତର ବାସ୍ନାରେ ନିଜ ବ୍ୟକ୍ତିତ୍ୱର ଏକ ଭିନ୍ନ ପ୍ରତିଛବି ସୃଷ୍ଟି କରିଥାନ୍ତି । କିନ୍ତୁ ଆପଣ ଜାଣନ୍ତି ନାହିଁ ଯେ ଏହାକୁ ପ୍ରୟୋଗ କରି ଆପଣ କର୍କଟ ସମେତ ଅନେକ ରୋଗକୁ ନିମନ୍ତ୍ରଣ କରିଥାନ୍ତି । ଏହିପରି ପ୍ରସାଧନ ସାମଗ୍ରୀରେ ଅନେକ ରାସାୟନିକ ପଦାର୍ଥ ଅଛି, ସେଥିମଧ୍ୟରୁ ଗୋଟିଏ ହେଉଛି ପାରାବେନ୍ । ଏନ୍‌ସିବିଆଇର ଏକ ଗବେଷଣା ଅନୁଯାୟୀ, ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ପାରାବେନ୍ ବିପଜ୍ଜନକ ଏବଂ ଏହା ବିପଜ୍ଜନକ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିପାରେ । ରିପୋର୍ଟରୁ ପ୍ରକାଶ ଯେ ପାରାବେନ୍ ଏକ ଏପରି ଦୂଷିତ ପଦାର୍ଥ, ଯାହା ଷ୍ଟେରଏଡ୍ ହରମୋନ୍ ନଷ୍ଟ କରିପାରେ । ଏହି ହରମୋନର ପରିବର୍ତ୍ତନ ପୁରୁଷଙ୍କ ପ୍ରଜନନ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ବିପଜ୍ଜନକ ଅଟେ । କର୍କଟ ଏକ ବିପଜ୍ଜନକ ରୋଗ, ଯାହା ମୃତ୍ୟୁର କାରଣ ହୋଇପାରେ । ଅନୁସନ୍ଧାନରେ, ଅତରରେ ଥିବା ରାସାୟନିକ ପଦାର୍ଥ ସ୍ତନ କର୍କଟ ଏବଂ ଥାଇରଏଡ କ୍ୟାନସରର ମୁଖ୍ୟ କାରଣ ବୋଲି ଜଣାପଡିଛି । ଏହି ଉତ୍ପାଦଗୁଡିକ ପ୍ରୟୋଗ ପରେ ଏହା ଅତି ଶୀଘ୍ର ଚର୍ମରେ ପ୍ରବେଶ କରେ । ଯେଉଁ କାରଣରୁ ରାସାୟନିକ ପଦାର୍ଥ ଚର୍ମର ପ୍ରତିରକ୍ଷା ସ୍ତରକୁ କ୍ଷତି ପହଞ୍ଚାଏ ଏବଂ ଚର୍ମ ଆଲର୍ଜି ହୋଇଥାଏ । ବେଳେବେଳେ ଫୁସଫୁସରେ ବିପଜ୍ଜନକ ରାସାୟନିକ ପଦାର୍ଥ ପ୍ରବେଶ କରିବାରୁ ଏହା ଶ୍ୱାସକ୍ରିୟାରେ ବାଧା ଉପୁଯାଏ । ଯଦି ଆପଣ ମୁଣ୍ଡବିନ୍ଧା, ମୁଣ୍ଡ ବୁଲାଇବା, ଭର୍ଟିଗୋ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତେବେ ଏହା ଅତର କାରଣରୁ ହୋଇପାରେ ।



# ଭଲ ପରଫର୍ମ କରନ୍ତୁ: ନଚେତ୍ ପଛରେ ରହିଯିବେ



ସାହସ ଓ ଦୃଢ଼ ମନୋବଳ: ବେଳେବେଳେ କମ୍ପାନିର ଏଭଳିକିଛି ଘଟଣା ଘଟେ । ଫଳରେ କମ୍ପାନିର ଟିମ୍ ଲିଡର ହେଉ କି ମ୍ୟାନେଜର ହଠାତ୍ ଚାକିରି ଛାଡ଼ି ଚାଲି ଯାଆନ୍ତି । ସେତେବେଳେ ତାଙ୍କ ପୋଷ୍ଟରେ କେହି ନଥାନ୍ତି ଦାୟିତ୍ୱ ସମ୍ଭାଳିବାକୁ । ଏହି ସମୟରେ କମ୍ପାନିର ମୁଖ୍ୟ, ସମସ୍ତ କର୍ମଚାରୀଙ୍କ ମଧ୍ୟର ଜଣଙ୍କୁ ବାଛି ଏହି କାମ କରିବାକୁ ସୁଯୋଗ ଦେଇଥାନ୍ତି । ଏହି ଦାୟିତ୍ୱ ବୋଧ ବୋହିବାକୁ ପ୍ରାୟ କର୍ମଚାରୀଙ୍କ ମନରେ ଡର ଥାଏ, ତେଣୁ ସୋମନେ ମନା କରିଦିଅନ୍ତି । ଯଦି କେବେ ଆପଣଙ୍କ କର୍ମକ୍ଷେତ୍ରରେ ଏଭଳି ସମସ୍ୟା ଦେଖାଦେଉଛି, ତେବେ ବିନା ଦ୍ୱିଧାରେ ସାହସ ଓ ଦୃଢ଼ ମନୋବଳ ସହିତ ଦାୟିତ୍ୱ ତୁଲେଇବାକୁ ରାଜି ହୋଇଯାନ୍ତୁ । ଯଦି ଅଫିସ୍‌ର ଉଚ୍ଚପଦାଧିକାରୀ ଆପଣଙ୍କୁ ଏହି ଦାୟିତ୍ୱ ତୁଲାଇବା ପାଇଁ ମନୋନୀତ କରିଛନ୍ତି, ତେବେ ତାଙ୍କୁ ସମ୍ମାନ ଜଣାଇ ନିଷ୍ଠାର ସହ କାର୍ଯ୍ୟ କରନ୍ତୁ । ଦେଖିବେ ଅତି କମ୍ ସମୟରେ ଆପଣ ବସ୍‌ଙ୍କ ପ୍ରିୟପାତ୍ର ହୋଇପାରିବେ ।

ସେଥିପାଇଁ ଅଧିକାଂଶ ଲୋକ ବସଙ୍କ ନଜରକୁ ଲୁଚି ରହିବାକୁ ପସନ୍ଦ କରିଥାନ୍ତି । ସେମାନଙ୍କ ଧାରଣା ଯେ କିଏ ଜଣେ ବସ୍ କେତେବେଳେ କେଉଁ ମୁହୂର୍ତ୍ତରେ କେଉଁ କାମ କରିବାକୁ ଦେଇ ଦେବେ । ଏହିଭଳି ନକାରାତ୍ମକ ଭାବନା ନେଇ ଆପଣ ଆଗକୁ ଯିବା ହଏତ ବିପଦ ସାବ୍ୟସ୍ତ ହୋଇପାରେ । ବରଂ ଏଭଳି ମାନସିକତା ଠାରୁ ଦୂରେଇ ରହି ପ୍ରଫେସନାଲ ଭାବେ କାମ କରିବା ସହ ବସଙ୍କ ସହ ନିଜର ଆଇଡିଆ ବାଣ୍ଟନ୍ତୁ । ଏପରି କରିବା ଦ୍ୱାରା ବସ୍ ଆପଣଙ୍କୁ ସବୁବେଳେ ଟିମରେ ରଖିବାକୁ ପସନ୍ଦ କରିବେ । ଆଉ ଆପରଙ୍କ କାମରେ ତାରିଫ ମଧ୍ୟ କରିବେ ।



ସ୍ୱତନ୍ତ୍ର ପରିଚୟ ହେବ ପଦୋନ୍ନତି: ସ୍ୱତନ୍ତ୍ର ପରିଚୟ ଅର୍ଥ ନୁହେଁ, ମ୍ୟାନେନଜମେଣ୍ଟ କିମ୍ବା ଉଚ୍ଚପଦାଧିକାରିଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ରଖିବା । ବରଂ କମ୍ପାନିରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା । ଯାହା କର୍ମଚାରୀଟିଏ ନିଜର କାର୍ଯ୍ୟଶୈଳୀ ଏବଂ ବ୍ୟବହାରରୁ ହାସଲ କରିଥାଏ । କୌରସି ବି କର୍ମକ୍ଷେତ୍ର ହେଉନା କାହିଁକିଖୁବ୍ କମ୍ ଲୋକ ଥାନ୍ତି, ଯିଏ ଦାୟିତ୍ୱର ସହ ନିଜର ସମସ୍ତ କାର୍ଯ୍ୟ ସମ୍ପାଦନା କରିଥାନ୍ତି ।

ନିଜକୁ କରନ୍ତୁ ପ୍ରମାଣିତ: କମ୍ପାନି ଛୋଟ ହେଉଅବା ବଡ଼ ନିଜକୁ ପ୍ରମାଣିତ କରିବା ପାଇଁ କଷ୍ଟ କରିବାକୁ ହିଁ ପଡ଼ିଥାଏ । କେତେକ ନୂଆ କର୍ମଚାରୀଙ୍କର ଧାରଣା ରହିଛି ଯେ ଟ୍ରେନିଂ ପିରିୟଡ଼ ସାରି ପରମାନେଣ୍ଟ ହେବା ପରେ ଚିନ୍ତା ଗଲା । ମାତ୍ର ଏହା ଆଦୌ ଠିକ୍ ନୁହେଁ । ଆଜିର ଟେକ୍ନୋଲୋଜି ଦୁନିଆରେ କମ୍ପାନି ଗୁଡ଼ିକ ଭିତ୍ତିଭୂମିର ବୋଝ ତଳେ ଚାପି ହୋଇଯାଉଛନ୍ତି । ଯାହା ଫଳରେ କମ୍ପାନିର ଦୈନିକ ଖର୍ଚ୍ଚ ଓ ଦରମା ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା କଷ୍ଟସାଧ୍ୟ । ତେଣୁ ବିଭିନ୍ନକମ୍ପାନି କର୍ମଚାରୀଙ୍କ ଦକ୍ଷତାକୁ ଗୁରୁତ୍ୱ ଦେଇଥାନ୍ତି । ଅଳସୁଆ ଓ ଦକ୍ଷତା ନଥିବା କର୍ମଚାରୀଙ୍କୁ କମ୍ପାନିରୁ ବାହାର କରିବାକୁ ପ୍ରସ୍ତାବ ଦେଇଥାନ୍ତି । ତେଣୁ କର୍ମଚାରୀଟିଏ ସବୁବେଳେ ନିଜ କାମ ଜରିଆରେ ହିଁ ନିଜକୁ ପ୍ରମାଣିତ କରିବା ଆବଶ୍ୟକ । ଆପଣ ନିଜକୁ ପ୍ରମାଣିତ କରିବା ଦ୍ୱାରା ହିଁ କମ୍ପାନି ଫାଇଦାରେ ରହିବ । ଆଉ ଆପଣଙ୍କ ପରିଚୟ ସ୍ୱତନ୍ତ୍ର ହେବ । ଯଦି ଆପଣ ଭଲ ପ୍ରଦର୍ଶନ କରି ନପାରନ୍ତି, ତେବେ ପଛରେ ରହିଯିବେ ।



# ଜିମେଲ୍‌ରୁ ହଟାନ୍ତୁ ଅଦରକାରୀ

**ଜିମେଲରେ ବେଳେବେଳେ ଏତେ ମେଲ ଆସେ ଯେ ଏହାକୁ ଡିଲିଟ୍ କରିବାକୁ କଷ୍ଟ ହୋଇପଡ଼େ । କେଉଁ ଅଦରକାରୀ ମେଲ୍ ଡିଲିଟ୍ କରିବେ ଜଣା ପଡ଼େନାହିଁ । କିନ୍ତୁ ଏମିତି ଫିଚର୍ସ ରହିଛି, ଯାହା ସାହାଯ୍ୟରେ ଅଯଥା ମେଲ୍ ଡିଲିଟ୍ କରିପାରିବେ ଜିମେଲ୍‌ରୁ ।**



ଜିମେଲ ଫିଲଟର୍ସ:

ଜିମେଲରେ ଅନେକଗୁଡ଼ିଏ ସର୍ଚ୍ଚ ଫଙ୍କସନ ରହିଛି । ଯାହା ସାହାଯ୍ୟରେ ଅଦରକାରୀ ବା ଅଯଥା ମେଲକୁ ଡିଲିଟ୍ କରାଯାଇ ପାରିବ ।

- ଜିମେଲ ସାଇନ ଇନ କଲାପରେ ଉପରେ ଥିବା ବିଗ ସର୍ଚ୍ଚକୁଯାଆନ୍ତୁ ।

- ପ୍ରଥମେ ଅଧିକ ସ୍ପେସ ନେଉଥିବା ଅଦରକାରୀ ମେଲକୁ ହଟାନ୍ତୁ । ସର୍ଚ୍ଚ ବାରରେ ଲାର୍ଜ ୧୦ଏମ ଟାଇପ କରି ଏ[ର କରିବେ ନଚେତ ମ୍ୟାଗ୍ନିଫାଇଙ୍ଗ୍ ଗ୍ଲାସ୍ ଆଇକନ ଉପରେ କ୍ଲିକ୍ କରନ୍ତୁ ।

- ଏହାଦ୍ୱାରା ଆପଣ ୧୦ ଏମବିରୁ ଅଧିକ ସ୍ପେସ୍ ଇ-ମେଲ ଫାଇଲ ଥିବାର ଜାଣିପାରିବେ । ଏବେ ଅଦରକାରୀ ଇ-ମେଲକୁ ସିଲେକ୍ଟ କରି ଡିଲିଟ୍ କରି ଦିଅନ୍ତୁ ।

- ଏହାଠାରୁ ବଡ଼ ଫାଇଲକୁ ଡିଲିଟ୍ କରିବା ପାଇଁ ମଧ୍ୟ ବ୍ୟବହାରେ କରିପାରିବେ । ଯେମିତି ଲାରଜର.୧୫ଏମବି, ଲାରଜର ୨୦ଏମବି, ଲାରଜର ୨୫ଏମବି ପର୍ଯ୍ୟନ୍ତ ଡିଲିଟ୍ କରାଯାଇପାରିବ । କାରଣ ଜିମେଲରେ କେବଳ ୨୫ ଏମବି ଯାଏ ଫାଇଲ ଆସିବାର ସୁବିଧା ରହିଛି ।

- ଯଦି ବହୁତ ପୁରୁଣା ଇମେଲ ଡିଲିଟ୍ କରିବାକୁ ଚାହୁଁଛନ୍ତି ତେବେ ଏଥିପାଇଁ ମଧ୍ୟ ଟୁଲ୍ ରହିଛି । ସର୍ଚ୍ଚ ବାରରେ ବିଫର ୨୦୧୭/ଏମଏମ/୭ ଫର୍ମାଟରେ ବର୍ଷ,ମାସ ଏବଂ ତାରିଖ ଲେଖି ଆଣ ପୁରୁଣା ଇ-ମେଲ ସର୍ଚ୍ଚ କରି ଡିଲିଟ୍ କରିପାରିବେ ।

- ୧୦ ଏମବିରୁ ଅଧିକ ପୁରୁଣା ସାଇଜର ଇ-ମେଲକୁ ଡିଲିଟ୍ କରିବାକୁ ଚାହୁଁଥିଲେ, ସର୍ଚ୍ଚ ଅପରେସନ ବିଫର:୨୦୧୭/ଏମଏମ/୭ଲାରଜର ୧୦ଏମ ଟାଇପ କରି ଏଂଟର କରିଦିଅନ୍ତୁ ।

ଫାଇଣ୍ଡ ବିଗ ମେଲ: ଫାଇଣ୍ଡ ବିଗମେଲ ଏକ ବହୁତ ଭଲ ଆପ । ଜିମେଲରେ ଥିବା ବଡ଼ବଡ଼ ଫାଇଲକୁ ଖୋଜିବାରେ ଏହି ଆପ ସହାୟକ ହୋଇଥାଏ । ଏହି ଆପ୍ ଆପେ ଆପେ ସେହିସବୁ ଫାଇଲକୁ ଖୋଜି ବାହାର କରିଥାଏ ଯାହାକୁ ଡିଲିଟ୍ କରିବାକୁ ଚାହୁଁଥିବେ । କେମିତି କରିବେ ।

- ଡବ୍ଲୁଡବ୍ଲୁଡବ୍ଲୁ.ଫାଇଣ୍ଡମେଲଡଟ୍‌କମ୍ ୱେବସାଇଟକୁ ଯିବାକୁ ପଡ଼ିଥାଏ ।

- ଏଥିରେ ନିଜର ଜିମେଲ ଠିକଣା ଲେଖନ୍ତୁ ।

- ଫାଇଣ୍ଡ ବିଗମେଲ ଉପରେ କ୍ଲିକ କରନ୍ତୁ ।

- ଗୁଗୁଲ ଏହି ସର୍ଭିସକୁ ଅଥରାଇଜ କରିବାକୁ କହିଥାଏ ।

- ଆପଣ ପାସୱାର୍ଡ଼ ଦେଇ କ୍ଲିକ କରିନେବେ ।

ଏହି ସର୍ଭିସ ଆପରଣଙ୍କ ଇନବକ୍ସର ସ୍କାନିଙ୍ଗ କରି।ବ ଆରମ୍ଭ କରିଦେଇଥାଏ । ଏହି ୱେବସାଇଟ୍ କେବଳ ଇମେଲର ସାଇଜ ଦେଖିଥାଏ । ଏହାର କ[ନେ ନୁହେଁ । ସ୍କାନିଙ୍ଗ୍ ପୂରା ହୋଇଗଲା ପରେ ଇମେଲ୍ ଆଲର୍ଟ ଆସିଯାଏ ।

- ଇନବକ୍ସର ବାମପାର୍ଶ୍ୱରେ ଯେଉଁଠି ଇନବକ୍ସ, ସେ[ ମେଲ ଆଦିର ଲେବୁଲ ଦେଖାଯାଏ ସେଠି ଆପଣଙ୍କୁ କିଛି ନୂଆ ଲେବୁଲ ମଧ୍ୟ ଦେଖାଯାଇଥାଏ । ଯଦି ଦେଖାନଯାଏ, ତେବେ ଲେବୁଲ ମେନ୍ୟୁକୁ କ୍ଲିକ କରି ତଳକୁ ନେଇ ଆସନ୍ତୁ । ଆପଣଙ୍କ ତିନୋଟି ନୂଆ ଲେବୁଲ ଦେଖାଯିବ । ଏହି ନୂଆ ଲେବଲ ମଧ୍ୟରୁ କୌଣସି ଗୋଟିଏ ଉପରେ କ୍ଲିକ କରନ୍ତୁ । ଏଥିରେ ଆପଣଙ୍କ ଜିମେଲରେ ଥିବା ଅଯଥା ବଡ଼ ବଡ଼ ଫାଇଲ୍ ଡିଲିଟ୍ ହୋଇଯିବ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ସଂଗ୍ରାମ କରିବାକୁ ହେବ...

ସରି ଯାଇଛି ପାର୍ବଣର ମହାପର୍ବ ଦଶହରା ବା ବିଜୟା ଦଶମୀ; ବିଦାୟ ନେଇଛନ୍ତି ମା' ଦୁର୍ଗା ମହିଷମର୍ଦ୍ଦିନୀ ଏବଂ ଦଶାନନ ରାବଣର ବିନାଶକାରିଣୀ । ଏହି ବିଜୟା ଦଶମୀର କେନ୍ଦ୍ରୀୟ ବିଷୟବସ୍ତୁ ଏବଂ ଶିକ୍ଷାପ୍ରଦ ବାର୍ତ୍ତା ବିଶ୍ୱର ସବୁ ଧର୍ମ ଏବଂ ଦାର୍ଶନିକ ବ୍ୟବସ୍ଥା ପାଇଁ ସମାନ- ଖରାପ ଉପରେ ଭଲ ବା ସତ୍ୟ ଉପରେ ଅସତ୍ୟର କିପରି ବିଜୟ ହୋଇଥାଏ, ତା'ର ପ୍ରଦର୍ଶନ ଏବଂ ସେହି କଥାର ପୁନରାବୃତ୍ତି । ଯୁଗେ ଯୁଗେ ଏଇ କଥା ଘଟି ଆସିଛି, ଯାହା କୌଣସି ଧର୍ମ, ଦର୍ଶନ ବା ମତ କି ପଥକୁ ବାଦ୍ ଦେଇନାହିଁ । ଦଶହରା ସମ୍ପର୍କିତ ହିନ୍ଦୁ ପୁରାଣ ଶାସ୍ତ୍ର ବା କିମ୍ବଦନ୍ତୀରେ ଯେଉଁ ଦୁଇଗୋଟି କଥା ରହିଛି, ଉଭୟରେ ଦେବୀ ଦୁର୍ଗାଙ୍କ ଦ୍ୱାରା ଅସୁର ମହିଷ ହେଉ କି ଦେବୀଙ୍କଠାରୁ ବର ପ୍ରାପ୍ତି ପରେ ଭଗବାନ ଶ୍ରୀରାମଙ୍କର ଦଶାନନ ରାବଣକୁ ବଧ କରିବା, ସମଗ୍ର ମାନବ ସମାଜକୁ ଶିକ୍ଷା ପ୍ରଦାନ କରୁଛି ଯେ ସମସ୍ତ ପ୍ରାଣୀ ଜଗତର କଲ୍ୟାଣ ପାଇଁ ଅର୍ଥାତ୍ ବୃହତ୍ତର ମଙ୍ଗଳ ପାଇଁ ଖରାପର ସର୍ବାଧିକ ଶକ୍ତିଶାଳୀ ବିରୁଦ୍ଧରେ ବିନା କୌଣସି ବୁଝାମଣାରେ ବା ଦୃଢ଼ ପ୍ରତିଜ୍ଞ ହୋଇ ଭଲ ସଂଗ୍ରାମ କରିବାକୁ ଆଗେଇ ଆସିବା ଉଚିତ ଏବଂ ଏଇ ଦୃଢ଼ ପ୍ରତିବଦ୍ଧତା ହିଁ ଭଲ ଶକ୍ତିକୁ ବାଟ ଦେଖାଇ ଥାଏ ଖରାପ ଉପରେ ବିଜୟ ଲାଭ କରିବାକୁ । ସୃଷ୍ଟିର ଆରମ୍ଭରୁ କେବେହେଲେ ଏକ ଉତ୍ତମତାରେ ପରିପୂର୍ଣ୍ଣ ବା ନିଷ୍କଣ୍ଟକ ବିଶ୍ୱ ନଥିଲା, ଏମିତିକି ଦେବତାମାନେ ମଧ ସ୍ୱୀକାର କରିଛନ୍ତି ଯେ ସବୁବେଳେ ଏଠି କିଛି ଖରାପ ରହିବ ହିଁ ରହିବ । ଏହି ବିଶ୍ୱରେ ଜୀବନକୁ ନେଇ ଆମେମାନେ ଏମିତି କୌଣସି ପ୍ରକାରର ଆଦର୍ଶବାଦୀ କଳ୍ପନା କରି ପାରିବା ନାହିଁ, ଯାହା ଖରାପରୁ ବଞ୍ଚିତ ଥବ ବା ଯେଉଁଠି ଭୁଲ୍, ଅସତ୍ୟ, ଅଜ୍ଞାନ ଅନ୍ଧକାର ଇତ୍ୟାଦି କିଛି ହେଲେ ନଥିବ। ଏଠି କେବେ ବିଶୁଦ୍ଧ ଖରାପ ନ ରହିପାରେ, କିନ୍ତୁ ଜୀବନର କିଛି ସମୟ ଓ ପର୍ଯ୍ୟାୟ ରହିବ, ଯେତେବେଳେ କି ଖରାପ ଭଲ ଉପରେ ପ୍ରାଧାନ୍ୟ ବିସ୍ତାର କରିବ; ତା'ର ରାଜୁତିରେ ଭଲ ଧୀରେ ଧୀରେ ରସାତଳଗାମୀ ହେବା ଭଳି ଅବସ୍ଥା ସୃଷ୍ଟି ହେବ। ଯେଉଁ ଯୁଗରେ ଭଲ ଉପରେ ଖରାପର ପ୍ରାବଲ୍ୟ ଓ ପ୍ରାଧାନ୍ୟ ଦେଖାଦେବ, ସେତେବେଳେ ସମୟ ଓ ଜୀବନ ଦୁଃଖ କ୍ଳେଶପୂର୍ଣ୍ଣ ହେବା ସହିତ ନିରର୍ଥକ ମନେହେବ, ବଞ୍ଚିବା ଦୁଃସହ ହୋଇ ପଡ଼ିବ। ଏମିତି ସମୟ କିଛି କାଳ ବଜାୟ ରହିଲେ ଜୀବନ ନିରାଶାରେ ଭରିଯିବା ସହିତ ସାମୁହିକ ନିଃସହାୟତା ଏକ ଚରମ ସୀମାରେ ପହଞ୍ଚିବ । ଆଉ ଠିକ୍ ଏଇ ସମୟରେ ହିଁ ହେବ ଆଶାର ଉଦୟ । ପୁରାଣ ଶାସ୍ତ୍ରରେ ଏଭଳି ଅବସ୍ଥାରେ ଏକ ଅମିତ ପରାକ୍ରମୀ ବାହ୍ୟ ଶକ୍ତିର ଆବାହନ ବିଷୟରେ ବର୍ଣ୍ଣନା କରାଯାଇଛି, ଯିଏକି ହୋଇଥିବେ ନୈତିକତାର ପ୍ରତୀକ । ପୁରାଣ ଶାସ୍ତ୍ରର ଏଇ କାହାଣୀସବୁର ଏକ ସର୍ବାଧିକ ବିଜ୍ଞ ବିଶ୍ଳେଷଣକୁ ଯଦି ସରଳ ଶବ୍ଦଗୁଡ଼ିକରେ ପ୍ରକାଶ କରାଯାଏ, ତା'ହେଲେ ଏହା ଏମିତି ହେବ ଯେ- ମାନବ ସମାଜର ଖଳ ଲୋକମାନଙ୍କର ଏକ ଅଂଶ ବିରୁଦ୍ଧରେ ଅତ୍ୟଧିକ ମାତ୍ରାରେ ଶୃଙ୍ଖଳା, ସତ୍ୟ ଓ ଶାନ୍ତି ଚାହୁଁଥିବା ଭଲ ଲୋକମାନେ ସଂଗ୍ରାମ କରିବେ । ରାବଣ ସହିତ ଯୁଦ୍ଧ କରିବା ବେଳେ ରାମଙ୍କ ପାଇଁ ଏମିତି କେତେକ ସମୟ ଆସିଥିଲା ଯେତେବେଳେ କି ଯୁଦ୍ଧରେ ଜିତିବା ଅସମ୍ଭବ ମନେ ହୋଇଥିଲା, ଜୀବନର ମୂଲ୍ୟ କିଛି ନାହିଁ ବୋଲି ତାଙ୍କ ମନରେ ଭାବନାର ଉଦ୍ରେକ ହୋଇଥିଲା, ଏମିତିକି ଜୀବନଟା ତାଙ୍କ ପାଇଁ ତୁଚ୍ଛ ମନେ ହୋଇଥିଲା । ଠିକ୍ ସେମିତି ମହିଷାସୁର ସହିତ ସଂଗ୍ରାମ କରିବା ବେଳେ ମା' ଦୁର୍ଗା ମଧ୍ୟ କେତେକ ସମୟରେ ନିଜକୁ ଅତି ଦୁର୍ବଳା, ନିଃସହାୟା ମନେ କରିଥିଲେ ଏବଂ ଭଲର ଖରାପ ଉପରେ ବିଜୟ ପ୍ରାପ୍ତ କରିବା ସମ୍ପୂର୍ଣ୍ଣ ଅସମ୍ଭବ ମନେ ହୋଇଥିଲା । କିନ୍ତୁ କିଛି ସମୟ ପରେ ଦୁଃଖ, କଷ୍ଟ ଓ ଯନ୍ତ୍ରଣା, ପରାଜୟର ଭାବନା ଉଦୟ ହେବା ଭଳି ସମୟ ଅତିବାହିତ ହୋଇଯିବା ପରେ ନିରବଚ୍ଛିନ୍ନ ଆଶାର କିରଣ ସଦୃଶ ଆଲୋକର ରେଖା ଦେଖା ଦେଇଥାଏ, ଯଦିଓ ଏଥିପାଇଁ ଆମକୁ ଅନେକ କଷ୍ଟ ଓ ଯନ୍ତ୍ରଣାକୁ ନିରବରେ ସହ୍ୟ କରିବାକୁ ହୋଇଥାଏ। ବିଜୟା ଦଶମୀ କେବଳ ଏକ ଦିବସ ବା ଏକ ପର୍ବ ନୁହେଁ; ବରଂ ଏକ ଦାର୍ଶନିକ ପୁନରାବୃତ୍ତି ଯେ ପୃଥ୍ୱୀ ପୃଷ୍ଠରେ ଯେତେଦିନ ଯାଏଁ ଜୀବସତ୍ତା ବିଦ୍ୟମାନ ରହିବ, ସେ ପର୍ଯ୍ୟନ୍ତ ମଣିଷ ମଣିଷ ଭିତରେ ଭୁଲ୍ ବୁଝାମଣା ରହିବ; ସବୁ ମଣିଷ ଗୋଟିଏ କଥାରେ ସହମତ ହେବେନାହିଁ ଏବଂ ଦୁଇ ପକ୍ଷରେ ବିଭାଜିତ ହେବେ ହିଁ ହେବେ । ଦେଶ ଦେଶ ଭିତରେ ଯୁଦ୍ଧ ହେଉ କି ଆତଙ୍କବାଦ ବିରୁଦ୍ଧରେ; ଏଇ ଯୁଦ୍ଧ ମୌଳବାଦ କି ଉଦାରବାଦ ବିଷୟରେ ହେଉ; ରାଜନୀତିକ ଦୃଷ୍ଟିକୋଣରୁ ଏହା ଦକ୍ଷିଣପନ୍ଥୀ ବା ବାମପନ୍ଥୀଙ୍କ ସପକ୍ଷରେ ହେଉ ; ଅବଶ୍ୟ ମଣିଷମାନେ କୌଣସି ନା କୌଣସି ପକ୍ଷରେ ଅନ୍ତର୍ଭୁକ୍ତ ହେବାର ସୁଯୋଗ ରହିବ ଏବଂ ଦୁଇ ପକ୍ଷ ମଧ ବ୍ୟକ୍ତିଗତ ପସନ୍ଦ ଓ ରୁଚି ଦୃଷ୍ଟିରୁ ଗ୍ରହଣ କରିବା ନିମନ୍ତେ ଆଦର୍ଶ ପକ୍ଷ ହୋଇ ରହିବ। କିନ୍ତୁ ଯାହା ଖରାପ ଓ ଅନୈତିକ, ତା' ବିରୁଦ୍ଧରେ ସଂଗ୍ରାମ କରିବାରୁ ଜଣେ କେବେହେଲେ ନିଜକୁ ଦୂରେଇ ନେଇ ପାରିବ ନାହିଁ କିମ୍ବା ତା'ର ବିଲୋପ ପାଇଁ କାମ କରିବାରୁ ନିଜକୁ ବିରତ କରି ପାରିବ ନାହିଁ । ଏକ ସଂଗ୍ରାମରେ ଯେ କୌଣସି ଗୋଟିଏ ପକ୍ଷ, ଏମିତିକି ଉଭୟ ପକ୍ଷ ମଧ ଭୁଲ୍ ହୋଇ ପାରନ୍ତି, ଆଉ ଆଧୁନିକ ସମୟରେ କମ୍ ଖରାପ ପାଇଁ ମଧ ମନରେ ପସନ୍ଦ ସୃଷ୍ଟି ହୋଇପାରେ, କିନ୍ତୁ ଆମକୁ ସେଇ ପସନ୍ଦକୁ ବାଛିବାକୁ ପଡ଼ିବ, ଏବଂ ତା' ବିରୁଦ୍ଧରେ ସଂଗ୍ରାମ କରିବାକୁ ହେବ।

# ଗଣକବି ବୈଷ୍ଣବ ପାଣି ଗୀତିନାଟ୍ୟ ଜଗତର ମଉଡ଼ମଣି

ମୀରା ବେଉରା



ଊନବିଂଶ ଶତାବ୍ଦୀରେ ଓଡ଼ିଆ ଗୀତିନାଟ୍ୟ ଜଗତରେ ଲୋକନାଟ୍ୟ ପରମ୍ପରାକୁ ଭିତ୍ତିକରି ଯେଉଁ କେତେଜଣ ଗୀତିନାଟ୍ୟ ରଚନା କରି ଯାତ୍ର ଜଗତରେ ନବଜାଗରଣ ଆଣି ଏକ ବିସ୍ମୟ ସୃଷ୍ଟି କରିଥିଲେ। ସେମାନଙ୍କ ମଧରେ ଗଣକବି ବୈଷ୍ଣବ ପାଣି ଥିଲେ ଏକ ଯୋଗଜନ୍ମା ସାଧକ। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ବହୁ ଦୁଃଖ, ଯନ୍ତ୍ରଣା, କଷ୍ଟ ଏବଂ ଅଭାବ ଅନାଟନ ଦେଇ ଗତି କରିଥିଲେ କିନ୍ତୁ ଏହା ତାଙ୍କର ପ୍ରଚଣ୍ଡ ପ୍ରତିଭାକୁ ରୋକିପାରିନଥିଲା। ଜୀବନ ସଂଗ୍ରାମରେ ସେ ଥିଲେ ସଂଗ୍ରାମୀ ଯୋଦ୍ଧା, ସେହି ଅଭାବ ଅନାଟନ ଭିତରେ ଗତିକରି ଜୀବନ ଯାତ୍ରାରେ କେବେ ଝୁଣ୍ଟି ପଡ଼ିନଥିଲେ ବରଂ ପ୍ରକୃତି, ସଂସ୍କୃତି ଓ ଓଡ଼ିଆ ଭାଷା ଓଡ଼ିଶା ମାଟିକୁ ଭଲପାଇ ଅବିରତ ସଂଗ୍ରାମ କରି ଦୃଢ଼ ସଂକଳ୍ପବଦ୍ଧ ହୋଇ ନିଷ୍ଠାପର ଭାବରେ ନିଜର ସାହିତ୍ୟ ସାଧନକୁ ତ୍ୱରାନ୍ୱିତ କରି ଓଡ଼ିଶାର ବାଣୀଭଣ୍ଡାରକୁ ଦେଇଗଲେ ଅଜସ୍ର ଭେଟି। ସତରେ ଗଣକବି ବୈଷ୍ଣବ ପାଣିଙ୍କ ପ୍ରଚଣ୍ଡ ବହୁମୁଖୀ ପ୍ରତିଭାର ପଟ୍ଟାନ୍ତର ନାହିଁ। ତାଙ୍କ ଲିଖିତ ପ୍ରତ୍ୟେକଟି ଗୀତିନାଟ୍ୟ ଥିଲା ସଂସ୍କୃତିମୁଖୀ, ସୁନ୍ଦର ସୁବୋଧଗମ୍ୟ ଏବଂ ନିର୍ଦ୍ଦିଷ୍ଟ କାର୍ଯ୍ୟ ପର୍ଯ୍ୟବେଶିତ। ସେ ଲୋକନାଟକର ବିଭିନ୍ନ ଦିଗକୁ ଅନୁଧାନ କରି ବିଶେଷକରି କୁସଂସ୍କାରକୁ ଫିଙ୍ଗିଦେଇ ଅଶ୍ଳୀଳ, ନଗ୍ନତାକୁ ଦୂରେଇ ଦେଇ ନୂତନ ଢଙ୍ଗରେ ବିଭିନ୍ନ ସଂସ୍କାରଧର୍ମୀ ନାଟକ ରଚନା କରି କେବଳ ଓଡ଼ିଶାର ପୁରପଲ୍ଲୀରେ ଆଦରଣୀୟ ହୋଇନଥିଲେ ସମଗ୍ର ଭାରତବର୍ଷରେ ମଧ ଯାତ୍ରାଜଗତରେ ଏକ ଝଡ଼ ସୃଷ୍ଟି କରିଥିଲା। ଏହି ଯୋଗଜନ୍ମା ମହାପୁରୁଷ ୧୮୮୨ ମସିହାରେ କଟକ ଜିଲ୍ଲାର ଐତିହାସିକ ପୀଠ କୋଠପଦାଠାରେ ଗୁରୁବାର କୁମାର ଉତ୍ସବ ଦିନ ପିତା ସୁଦର୍ଶନ ପାଣି ଏବଂ ମାତା ଚାନ୍ଦ ଦେବୀଙ୍କ କୋଳମଣ୍ଡନ କରି ଜନ୍ମଲାଭ କରିଥିଲେ। ପରିବାରର ଆର୍ଥିକ ଅବସ୍ଥା ଅତି ଶୋଚନୀୟ ଥିଲା। ତଥାପି ସେ ସେଥିରେ ଆଦୌ ବିଚଳିତ ହୋଇନଥିଲେ। ତାଙ୍କର ମୂଳ ନାମ ଥିଲା ଶତ୍ରୁଘ୍ନ। କିନ୍ତୁ ଶୈଶବରେ ସେ ଅନେକ ବ୍ୟାଧିରେ ପୀଡ଼ିତ ଥିବାରୁ ତାଙ୍କର ଅର୍ଥାଭାବ ଯୋଗୁ ଉପଯୁକ୍ତ ଚିକିତ୍ସା ହୋଇପାରୁନଥିଲା। ତେଣୁ ପୁରୀର ବଡ଼ଛାତ ତଳେ ମଠ ପରିସରରେ ଥିବା ଏକ ବରଗଛତଳେ ପିତାମାତା ତାଙ୍କୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଟେକି ଦେଇଥିଲେ। ତାଙ୍କର ନାମ ଶତୃଘ୍ନରୁ ବଦଳି ଯାଇ ବୈଷ୍ଣବ ରଖାଯାଇଥିଲା। ଶୈଶବରୁ ଅତ୍ୟନ୍ତ ମେଧାବୀ ଛାତ୍ର ଥିବାରୁ ଓଡ଼ିଆ ଏବଂ ସଂସ୍କୃତ ଭାଷାରେ ତାଙ୍କର ଗଭୀର ପାଣ୍ଡିତ୍ୟର ଆଭାସ ମିଳିଥିଲା। ପ୍ରଥମେ ସେ କୋଠପଦାଧୀଶ ମହନ୍ତ ରଘୁନାଥପୁରୀ ଗୋସ୍ୱାମୀଙ୍କ ଇଷ୍ଟଦେବୀ ରଘୁନାଥ ଜୀଉଙ୍କ ଫୁଲତୋଳିବା କାର୍ଯ୍ୟରେ ସେ ମାଳିଭାବେ କାର୍ଯ୍ୟ ସମ୍ପାଦନା କରୁଥିଲେ। ପରବର୍ତ୍ତୀ ସମୟରେ ସେ ତାଙ୍କର ଯାତ୍ରା ଦଳରେ ଗୋଟିପୁଅ ନାଟୁଆଭାବେ ମଧ କାର୍ଯ୍ୟ କରିଥିଲେ। ପରେ ପରେ ଓଡ଼ିଅ । ସାହିତ୍ୟ ଜଗତରେ ଶତାଧିକ ଗୀତିନାଟକ ରଚନା କରି ବଙ୍ଗ, ବିହାର, ଓଡ଼ିଶା ଆଦି ଅଞ୍ଚଳରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। କବି ବୈଷ୍ଣବ ପାଣି ଏକାଧାରରେ ଥିଲେ ଜଣେ, କବି, ନାଟ୍ୟକାର, ଅଭିନେତା, ନିର୍ଦ୍ଦେଶକ, ହାସ୍ୟରସିକ, ସମାଜ ସଂସ୍କାରକ ସର୍ବୋପରି ଯାତ୍ରାଦଳର ଏକ ପ୍ରଚଣ୍ଡ ପ୍ରତିଭା। ୧୯୦୩ରେ ତାଙ୍କର ପ୍ରଥମ ପୁସ୍ତକ ମେଘନାଦବଧ ପ୍ରକାଶିତ ହୋଇଥିଲା। ପ୍ରଥମେ ପୁରାଣ ଆଧାରରେ ଲେଖନୀୟ ଚାଳନାକରି ପରବର୍ତ୍ତୀ ସମୟରେ ସେ ଅର୍ଥ, ସାମାଜିକ, ରାଜନୈତିକ ପ୍ରସଙ୍ଗକୁ ନେଇ ନିଜର ଲେଖନୀକୁ ସମୃଦ୍ଧ କରିଥିଲେ। ତତ୍କାଳୀନ ସମାଜର କୁସଂସ୍କାର, ଅନ୍ଧବିଶ୍ୱାସ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଅନେକ ସମାଜ ସଂସ୍କାରମୂଳକ ଗୀତିନାଟ୍ୟ ରଚନା କରିବାକୁ ସକ୍ଷମ ହୋଇଥିଲେ। ଜାତିପ୍ରଥାରେ ସେ ଆଦୌ ବିଶ୍ୱାସ ରଖୁନଥିଲେ। ଦଳିତ, ନିଷ୍ପେଷିତ, ନିର୍ଯ୍ୟାତିତ ମହିଳାମାନଙ୍କ ସମସ୍ୟା ତାଙ୍କୁ ଆଜୀବନ ବ୍ୟଥିତ କରୁଥିଲା। ସେ ନିଜେ ଉଚ୍ଚଜାତିରେ ଜନ୍ମଲାଭ କରିଥିଲେ ସୁଦ୍ଧା ପରିବାରର ବିରୋଧ ସତ୍ତ୍ୱେ ରଜକ ଜାତିରେ ବିବାହ କରି ନିଜ ମହନୀୟତାର ପରିଚୟ ଦେଇଥିଲେ। ଛଅଶହରୁ ଅଧିକ ପୁସ୍ତକ ରଚନା କରି ଓଡ଼ିଆଯାତ୍ରା ଜଗତକୁ ନୂଆ ରୂପଦେଇ ଓଡ଼ିଶାର ବାଣୀଭଣ୍ଡାରକୁ ସମୃଦ୍ଧ କରିବାକୁ ସମର୍ଥ ହୋଇପାରିଥିଲେ।

ଓଡ଼ିଆ ସାହିତ୍ୟ ଏବଂ ଯାତ୍ରା ଜଗତକୁ ଉଲ୍ଲେଖନୀୟ ଅବଦାନ ପାଇଁ ଉତ୍କଳ ସାହିତ୍ୟ ସମାଜ ତାଙ୍କୁ ମରଣୋତ୍ତର ଗଣକବି ଉପାଧି ଦେଇଥିଲା। ଯଦିଓ ସେ ଜଣେ ସାଧାରଣ କବି ଥିଲେ କିନ୍ତୁ ଲୋକମାନଙ୍କ ମନକୁ ଛୁଇଁଲାଭଳି ଗୀତିନାଟ୍ୟ ରଚନା କରି ସେ ଓଡ଼ିଆ ସାହିତ୍ୟ କାମରେ ଚିରସ୍ମରଣୀୟ ହୋଇରହିଛନ୍ତି। ଜୀବନରେ କେବେ ବି ପରାଜୟ ସ୍ୱୀକାର କରିନଥିଲେ। ଆଧୁନିକ ଓଡ଼ିଆ ସାହିତ୍ୟ ଜଗତର ସେ ଏଭଳି ଏକ ଅନନ୍ୟ ପ୍ରତିଭାଦୀପ୍ତ ସାହିତ୍ୟସ୍ରଷ୍ଟା ଯିଏ ଶତାଧିକ ଗୀତିନାଟ୍ୟ, କାବ୍ୟ ଉପନ୍ୟାସ, କାହାଣୀ, ସଂଗୀତ, ଭଜନ, ଜଣାଣ ଓ ଫାର୍ସ ପ୍ରଭୃତି ଲେଖି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରି ଗବେଷଣାର ବସ୍ତୁରୂପେ ଆଗାମୀ ଯୁବପିଢ଼ି ପାଇଁ ଛାଡ଼ି ଦେଇଯାଇଛନ୍ତି । ଗାନ୍ଧର୍ବ କଳାରେ ସେଥିଲେ ପୂର୍ଣ୍ଣଶିଳ୍ପୀ।



ତାଙ୍କ ରଚିତ ଗୀତିନାଟ୍ୟଗୁଡ଼ିକ ଯଦିଓ ପ୍ରାଚୀନ ବିଷୟବସ୍ତୁରୂପେ ଆଧାରିତ। କିନ୍ତୁ ତାହା ଥିଲା ଆଧୁନିକ ବିଷୟବସ୍ତୁର ଚିନ୍ତାଧାରା। ଆନନ୍ଦର ଗଙ୍ଗା ବୁହାଇବା ଥିଲା ତାଙ୍କ ଲେଖନୀର ଶୈଳୀ ଏବଂ ଚିନ୍ତାଧାରାର ବିଷୟବସ୍ତୁ। ସେ ଥିଲେ ଆସୁକବି। ଜଣେ ଶ୍ରୋତାଙ୍କ ପ୍ରସ୍ତାବ ଅନୁଯାୟୀ ସେ ସେଦିନ ଲେଖିଥିଲେ–

"ଧନ୍ୟ ଧନ୍ୟ ଫିରିଙ୍ଗି ଯୋଡ଼ି
ଶୂନ୍ୟେ ଚଳାଉଛି ରେଳଗାଡ଼ି"

ତାଙ୍କ ଲେଖନୀରେ ସେ ଲେଖିଯାଇଛନ୍ତି ଅଜସ୍ର ଗୀତିନାଟ୍ୟ ଯଥା ରାବଣବଧ, ମହିରାବଣବଧ, ପ୍ରହଲ୍ଲାଦ ଚରିତ, ସୀତା ବନବାସ, କର୍ଣ୍ଣବଧ, ବିଲ୍ୱମଙ୍ଗଳ, ଦକ୍ଷଯଜ୍ଞ, ଧ୍ରୁବଚରିତ, କଳାପାହାଡ଼, କେଦାରଗୌରୀ, ଉଷାହରଣ, କୁମ୍ଭକର୍ଣ୍ଣବଧ ଇତ୍ୟାଦି ଇତ୍ୟାଦି ଯାହା ଓଡ଼ିଆ ବାଣୀଭଣ୍ଡାରକୁ ଅନେକ ପ୍ରାଣବନ୍ତ କରିଛି। କେବଳ ସେତିକି ନୁହେଁ ପାରିପାର୍ଶ୍ୱିକ ଅବସ୍ଥା ଓ ସାମାଜିକ ସ୍ଥିତିକୁ ନେଇ ଲେଖିଛନ୍ତି ଗୀତିନାଟ୍ୟ। ଯାହା ସାଧାରଣ ଜନତାଠୁ ଆରମ୍ଭ କରି ବୁଦ୍ଧିଜୀବୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଉଲ୍ଲସିତ କରୁଥିଲା। ତାଙ୍କର ରଚନାବଳୀଗୁଡ଼ିକ ଯେଭଳି ସରଳ ବୋଧଗମ୍ୟ। ସେହିପରି ବାସ୍ତବଧର୍ମୀ ଓ ଦେଶାତ୍ମକବୋଧ ହୋଇ ଜାତୀୟ ଚେତନାକୁ ଉଦ୍‌ବୁଦ୍ଧ କରେ। ଚରିତ୍ର ଚିତ୍ରଣରେ ବାସ୍ତବତା, ଲୋକଭରା ଲୋକଶୈଳୀର ପ୍ରୟୋଗ, ମାର୍ଜିତ ସ୍ପଷ୍ଟବାଦିତା, କୌତୁହଳପ୍ରଦ, ନୂତନତ୍ୱ, ପ୍ରାକୃତିକ ସୌନ୍ଦର୍ଯ୍ୟ ଆଦି ଗ୍ରାମ୍ୟଜୀବନ ଉପରେ ଆଧାରିତ ଥିଲା ତାଙ୍କର ରଚନାର ବିଷୟବସ୍ତୁ। ସେଥିପାଇଁ ଏହା ଲୋକପ୍ରିୟ ହେବା ପାଇଁ ବେଶ୍ ଖୋରାକ୍ ଯୋଗାଉଥିଲା। ୧୯୫୬ରେ ବୈଶାଖ ଅମାବାସ୍ୟାରେ ତାଙ୍କର ଦେହାନ୍ତ ଘଟିଲା ସତ ମାତ୍ର ଆଜି ମଧ ତାଙ୍କର ସାହିତ୍ୟକୃତି ଅବିସ୍ମରଣୀୟ କାଳଜୟୀ। ତାଙ୍କର ସାହିତ୍ୟ କୃତି ଅବିସ୍ମରଣୀୟ ଓ କାଳଜୟୀ।

ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି,
ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪

# ବିଜୁବାବୁଙ୍କ ବୀରତ୍ୱର ଦିନଟିଏ

ବିପିନ ବିହାରୀ ରାଉତ



ଅକ୍ଟୋବର ୨୭ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବୀରତ୍ୱର ଦିନଟିଏ। ୧୯୪୭ ମସିହାର ଏହି ଦିନରେ ପାକିସ୍ତାନୀ ସେନାର ଗୁଳିଗୋଳା ବର୍ଷଣକୁ ବେଖାତିର କରି ବିଜୁ ପଟ୍ଟନାୟକ ସେନାକୁ କାଶ୍ମୀରର ଶ୍ରୀନଗର ବିମାନ ଘାଟିରେ ପ୍ରଥମେ ପହଞ୍ଚାଇଥିଲେ। ଆଜି ଦେଶ ସଗୌରବେ ଏହି ଦିନଟିକୁ ପାଳନ କରୁଛି ଏବଂ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଉଛି। କୁହାଯାଏ ଯଦି ସେହିଦିନ ଭାରତର ସୈନିକମାନେ ଶ୍ରୀନଗରରେ ପହଞ୍ଚିନଥାନ୍ତେ ତେବେ ହୁଏତ ଜାମ୍ମୁ-କାଶ୍ମୀର ଆଜି ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିନଥାନ୍ତା। ଶ୍ରୀନଗରରୁ ମାତ୍ର ୩୦ କିମି ଦୂରରେ ପହଞ୍ଚି ସାରିଥିବା ପାକିସ୍ତାନ ସେନାର କବ୍‌ଜାକୁ ଚାଲିଯାଇଥାନ୍ତା। ବିଜୁବାବୁ ହିଁ ସେହି ବ୍ୟକ୍ତି ଯିଏ କାଶ୍ମୀର ସୁରକ୍ଷାର ସମ୍ପୂର୍ଣ୍ଣ ଶ୍ରେୟ ପାଇବେ। ସେତେବେଳକୁ ଭାରତ ସ୍ୱାଧୀନ ହୋଇସାରିଥିଲା। କିନ୍ତୁ କାଶ୍ମୀର ଭାରତ ସହ ମିଶିନଥିଲା। ମହାରାଜା ହରି ସିଂ କାଶ୍ମୀରର ଶାସନକର୍ତ୍ତା ଥିଲେ। ପାକିସ୍ତାନ କାଶ୍ମୀର ଅଧିକାର କରିବାକୁ ଅଭିଯାନ ଆରମ୍ଭ କରିଥିଲା ଏବଂ ସଫଳତା ପରେ ସଫଳତା ପାଇ ଚାଲିଥିଲା। ହରି ସିଂ ଭାରତର ସହାୟତା ଲୋଡ଼ିଥିଲେ ମଧ ସେନା ପହଞ୍ଚିବା ସମ୍ଭବପର ନଥିଲା। ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ବିଜୁ ପଟ୍ଟନାୟକଙ୍କ ପରାମର୍ଶ ଲୋଡ଼ିଥିଲେ ଓ କିଭଳି ଶ୍ରୀନଗରକୁ ସେନା ଯିବ ସେଥିପାଇଁ ବିଚାରମର୍ଷ କରିଥିଲେ। ପାକିସ୍ତାନୀ ସେନାର ବଳୟ ଭିତରେ ପଶି ଶ୍ରୀନଗରରେ ଭାରତୀୟ ସେନାବାହିନୀକୁ ପହଞ୍ଚାଇବାର ଏକ ଦୁଃସାହସିକ କାର୍ଯ୍ୟ କିଏ କରିବ ସେ ନେଇ ସ୍ଥିର ହୋଇପାରିନଥିଲା। ଶେଷକୁ ବିଜୁ ପଟ୍ଟନାୟକ ହିଁ ଆଗଭର ହୋଇଥିଲେ ଓ ଭାରତୀୟ ସେନାକୁ ଶ୍ରୀନଗରରେ ପହଞ୍ଚାଇବାର ଦାୟିତ୍ୱ ନେଇଥିଲେ। ୧୯୪୭ ମସିହା ଅକ୍ଟୋବର ୨୭ ତାରିଖ ଭୋରରୁ ଭାରତୀୟ ସେନା ଶ୍ରୀନଗରରେ ପହଞ୍ଚିଥିଲା।

ଶିଖ୍ ରେଜିମେଣ୍ଟର ସୈନିକମାନେ ସେଠାରେ ପ୍ରଥମେ ପହଞ୍ଚିଥିଲେ। ପରେ ପାକିସ୍ତାନ ସେନାବାହିନୀ ପଛଘୁଞ୍ଚା ଦେଇଥିଲା ଓ କାଶ୍ମୀର ସୁରକ୍ଷିତ ରହିଥିଲା। ଦେଶ ଆଜି ସେହି ବୀରତ୍ୱର ୭୦ତମ ଦିବସ ପାଳନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅବସରରେ ବୀର ଯବାନମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ ଏ ନେଇ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଇଛି। ଗୌରବର ବିଷୟ ଯେ ଯଦିଓ ଭାରତ ସରକାର ବୀରତ୍ୱର ଏହି ଦିବସରେ ବିଜୁ ପଟ୍ଟନାୟକଙ୍କୁ ମନେପକାଇ ନାହାନ୍ତି, ତେବେ ସୋସିଆଲ ମିଡ଼ିଆରେ ବିଜୁବାବୁଙ୍କ ନାମ ଉଲ୍ଲେଖ ହୋଇଛି। ଉତ୍ତରପ୍ରଦେଶ ଆଗ୍ରାର ଅମିତ ଜୟସ୍ୱାଲ ଜୈନ ନାମକ ଜଣେ ବ୍ୟକ୍ତି ବିଜୁବାବୁଙ୍କ ଫଟୋ ସହ କିଭଳି ସେ ଦିନ ଶ୍ରୀନଗରରେ ବିଜୁବାବୁ ତାଙ୍କର ପ୍ରଥମ ବିମାନ ଓହ୍ଲାଇଥିଲେ, ତାହା ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି ଯେ, ଓଡ଼ିଶାର ଏହି ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ନିଜେ ପାଇଲଟିଂ କରି ପ୍ରଥମ ବିମାନ ଶ୍ରୀନଗରରେ ୧୯୪୭ ମସିହା ଅକ୍ଟୋବର ୨୭ ତାରିଖରେ ଓହ୍ଲାଇଥିଲେ। ତାହା ଥିଲା ତାଙ୍କର ଡକୋଟା ବିମାନ। ଅମିତଙ୍କ ଏହି ଟ୍ୱିଟ ପରେ ସୋସିଆଲ ମିଡ଼ିଆରେ ଅନେକ ଲୋକ ଏକଥା ପୂର୍ବରୁ ଜାଣିନଥିବା ନେଇ ଉଲ୍ଲେଖ କରିବା ସହ ବିଜୁବାବୁଙ୍କ ବୀରତ୍ୱକୁ ପ୍ରଶଂସା କରିଛନ୍ତି। ରାଜେନ୍ଦ୍ର ଆସ୍ଥାନା ଲେଖିଛନ୍ତି ଯେ ବିଜୁବାବୁଙ୍କ ଡକୋଟା ବିମାନକୁ ସେତେବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୫୦୦ ପୁରୁଷ ଓ ମହିଳା କାର୍ଯ୍ୟକର୍ତ୍ତା। ହାତରେ ଲାଠିଧରି ପାଇଲଟିଂ କରାଇଥିଲେ। ସନ୍ଧ୍ୟା ଜୈନ ସାଲ୍ୟୁଟ, ବିଜୁଦା, ବୋଲି ଲେଖିଥିବାବେଳେ ଅନେକ ବ୍ୟକ୍ତି ବିଜୁବାବୁଙ୍କ ସାହସକୁ ଭୂୟସୀ ପ୍ରଶଂସା କରିଛନ୍ତି। ଭାରତୀୟ ସେନାର ଉତ୍ତରାଞ୍ଚଳ, କମାଣ୍ଡ ପକ୍ଷରୁ ଏ ନେଇ ଏକ ଟ୍ୱିଟ୍ କରାଯାଇଥିବାବେଳେ ବିଜୁବାବୁଙ୍କ କଥା ସାଂସଦ ବୈଜୟନ୍ତ ପଣ୍ଡା ସେହି ଟ୍ୱିଟର ଉତ୍ତରରେ ଦର୍ଶାଇଛନ୍ତି।



ବିଜୁବାବୁଙ୍କ ବୀରତ୍ୱର ଗାଥା ଦେଶର ସ୍ୱାଧୀନତା ଆନ୍ଦୋଳନ ଓ ସୁରକ୍ଷା ଇତିହାସରେ ଅଲିଭା ସ୍ୱାକ୍ଷର ହୋଇ ରହିଛି। ଇଣ୍ଡୋନେସିଆର ସୁରକ୍ଷା ହେଉ ଅବା କାଶ୍ମୀରର, ସବୁଠି ତାଙ୍କ ବୀରତ୍ୱ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ତେବେ ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ବିଜୁବାବୁଙ୍କ ଜୀବନ ଦେଶପ୍ରେମ ଓ ଦୁଃସାହସର ସମ୍ମିଶ୍ରଣ। ଯଦିଓ ଇଣ୍ଡୋନେସିଆର ସ୍ୱାଧୀନତା ଆନ୍ଦୋଳନରେ ବିଜୁବାବୁଙ୍କର ଦୁଃସାହସିକତା ଗୁରୁତ୍ୱ ଲାଭ କରିଛି ତେବେ କାଶ୍ମୀରର ସୁରକ୍ଷାରେ ତାଙ୍କର ଅବଦାନ କମ୍ ନଥିଲା।

ଶ୍ରୀବିହାର କଲୋନୀ, କଟକ,
ମୋ: ୯୪୩୭୬୬୬୪୫୩

## କବିତା କୋଣାର୍କ

### ହୁଅନ୍ତା ଅମୃତ କ୍ଷରଣ

ପ୍ରଦୀପ୍ତ କୁମାର ଦାସ



ମହିଷା ପରିକା ବହୁ ଅସୁରଙ୍କ
ଯେଉଁମାନେ ଗର୍ଭଧାରିଣୀ -
ଦୁନିଆ ଆଖିରେ ସେମାନେ ବିଟପୀ
କଳଙ୍କିନୀ ବ୍ୟଭିଚାରିଣୀ,

ଧ୍ରୁବ ପ୍ରହଲ୍ଲାଦ ପରି ସୁସନ୍ତାନ
ତାଙ୍କଠୁ ସମ୍ଭୂତ ହେବେନି -
ଶ୍ରେଷ୍ଠ ଜନନୀର ପବିତ୍ର ଉପାଧି
କେହି ସେମାନଙ୍କୁ ଦେବେନି,

ସେମାନଙ୍କ ନାରୀ ଜନମ ଯେ ବୃଥା
ସମାଜେ ସେମାନେ ନିନ୍ଦିତା -
ଶଙ୍କର ଘରଣୀ ଭବାନୀଙ୍କ ସମ
ନହେବେ ଜଗତେ ବନ୍ଦିତା,

ମଣିଷାସୁରଙ୍କ ସାଥେ ଏମାନଙ୍କ
ହୋଇଯାନ୍ତା ଯଦି ମରଣ -
ସକଳ କଳୁଷ ହୋଇଯାନ୍ତା ଶେଷ
ହୁଅନ୍ତା ଅମୃତ କ୍ଷରଣ ।

କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର
ମୋ: ୮୫୯୪୮୮୫୮୯୮

### ତିନୋଟି ସ୍କେଚ୍

ପ୍ରଭାତ କୁମାର ନାୟକ



॥ 'ସାଗରର ଲୁହ' ॥

ଦେଖିଛ କି କେହି ସାଗର ଆଖିରେ
ଝରିବାର କେବେ ଲୁହ,
ଥରିବାର କେବେ ହୃଦୟ ତାହାର
ବିରହେ ବ୍ୟଥିତ ଭୟ....
କେମିତି ଦେଖିବ ଲବଣ ଅଶ୍ରୁରେ
ଯା' ଦେହ ହୋଇଛି ଭରା,
ବିରହରେ ନିତି ଗରଜେ ଯା' ଛାତି
ସନ୍ତାପିତ ବାଲି ଚରା....

॥ 'ପଳାଶର ହସ' ॥

ଦେଖିଛ କି କେବେ ପଳାସ ହସରେ
ଦୁଃଖ ବେଦନାର ଛାଇ,
ସୁବାସ ବିହୁନେ ରୂପକାନ୍ତି ତା'ର
ଯାଇଛି ଅଲୋଡ଼ା ହୋଇ ।
ତଥାପି ହସୁଛି ଶୁଖିଲା ଅଧରେ
ଜୀବନ ରହସ୍ୟମୟ,
ଦୁନିଆ ବୁକୁରେ କରିବାକୁ ହେବ
ବଞ୍ଚିବାର ଅଭିନୟ ....।

॥ 'ଭଙ୍ଗା ଆଇନା' ॥

ଦେଖିଛ କି କେହି ଦେଖିବାର କେବେ
ଭଙ୍ଗା ଆଇନାରେ ମୁହଁ,
ମନ ପୋଡ଼ିଗଲେ ଧୂଆଁ କି ପାଉଁଶ
ହୃଦୟେ ସଞ୍ଚିତ କୋହ।
ମନ ଆଇନାଟି ଭାଙ୍ଗି ଗଲେ ଥରେ
କେବେ ତାହା ଯୋଡେ ନାହିଁ,
ଭରଷା ବିଶ୍ୱାସ ତୁଟିଗଲା ପରେ
ସମ୍ପର୍କର ମୂଲ୍ୟ ନାହିଁ...।

ଚେନ୍ନାଇ, ତାମିଲନାଡୁ
ମୋ - ୮୧୨୨୮୦୩୨୪୬

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଧ୍ରୁବ ଚରଣ ବେହେରା

ସାହିତ୍ୟ ଆକାଶେ ଧ୍ରୁବତାରା ଥିଲ
ଉଜ୍ଜ୍ୱଳ ଜ୍ୟୋତିଷ୍କ ସମ
ଦଶହରା ପରି ପବିତ୍ର ତିଥିରେ
ଛାଡିଗଲ ଧରା ଧାମ ।

ଦେଖିଦେଲି ଯେବେ ମୁଖ ପୁସ୍ତିକାରେ
ବିୟୋଗ ଭରା ଖବର
ପାଦତଳୁ ମାଟି ଖସି ପଡିଲା ଯେ
ଧୈର୍ଯ୍ୟ ହରା ହେଲା ସ୍ୱର ।

ମୁଖ ପୁସ୍ତିକାରେ ଅମୂଲ୍ୟ ବାଣୀକୁ
ସମାଜର ଶ୍ରେୟ ଲାଗି
କିଏ ଲେଖିଦେବ ଛନ୍ଦ ଅଳଙ୍କାର
ହେ କବି ଶ୍ରେଷ୍ଠ ବୈରାଗୀ ।

ମୋହ ମାୟା ହୀନ ସୁନ୍ଦର ହୃଦୟୁ
ଛନ୍ଦ କପଟକୁ ଭେଦି
ରଚୁଥିଲ ଲେଖା ସ୍ନେହ ପ୍ରେମ ବାଣ୍ଟି
ଅମୃତମୟ ସୌହାର୍ଦ୍ଦୀ ।

ପ୍ରତିଭା ପୂଜନ ଅନନ୍ୟ ପସରା
କାଳଜୟୀ ସମିକ୍ଷାର
ରଚି ଦେଇଗଲ ସହି ଜରା ବ୍ୟାଧି
ଲେଖା ସେ ଅଲିଭା ଗାର ।

ଶାନ୍ତ ସରଳତା ସାମ୍ରାଜ୍ୟ ମଣିଷ
ପବିତ୍ର ହୃଦୟ ଟିଏ
କହୁଅଛି ସାଧୁ ମହାନ୍ ବିଜୟୀ
ସୃଜନୀର ଧାରା କହେ ।

ବିଧାତାର ଥିଲ ଶ୍ରେଷ୍ଠ ବରପୁତ୍ର
ସରସ୍ୱତୀ 'ମା' ସନ୍ତାନ
ଅମର ଭୁବନେ ଅମର ହୋଇଲ
କଳ୍ପରେ ହେଲ ମହାନ୍ ।

ସମାଜର କେତେ ନିଖୁଣ ଚିତ୍ରକୁ
କଲମ ମୁନରେ ଆଙ୍କି
ସୁ ଶିକ୍ଷାର ବଳେ ଦେଉଥିଲ ଭେଟି
ଶୁଦ୍ଧ ପ୍ରେମ ଶ୍ରଦ୍ଧା ଛବି ।

ଲେଖିବାକୁ ମୋର ଶବ୍ଦ ପାଉ ନାହିଁ
କି ଲେଖିବି କି କହିବି
ଏତିକି ପ୍ରାର୍ଥନା କାଳିଆର ପାଦେ
ଗୁହାରି ପଦେ କରିବି ।

ଆହେ ଲୀଳାମୟ ଜଗତ କରତା
ଜଗତ କଲ୍ୟାଣକାରୀ
ଅମର ଆତ୍ମାର କର ସଦଗତି
ପୂର୍ଣ୍ଣ ବ୍ରହ୍ମେ ନିଅ ହରି ।

ଜ୍ୟୋତି ସମ କରି ଅମର ଭୁବନେ
ସଦ୍ଗତିରେ ମୁକ୍ତି ହେଉ
ପ୍ରତିଭା ପୂଜନେ ଆଶିଷର ବର୍ଷା
ଅମରେ ବରଷୁ ଥାଉ ।

ଅନେକ ଦୂର ର ଅଚିହ୍ନା ବନ୍ଧୁ ମୁଁ
ମୁଖ ପୁସ୍ତିକାରେ ଚିହ୍ନା
ତଥାପି ଦେଇଛ ଅସୁମାରି ସ୍ନେହ
ନ ଲାଗେ କେବେ ଅଚିହ୍ନା ।

ଅକ୍ଷୟ ନାମରେ ଅକ୍ଷୟ ହୋଇଲ
ଝୁରନ୍ତି ଓଡିଶା ଜନ
ସଦା ବନ୍ଦନୀୟ ହେ ପୂଜ୍ୟ ସାଧକ
ମାଟିକୁ କଲ ମହାନ୍ ।

ରାଉରକେଲା ଲାଗି ବଣମଲ୍ଲୀ ନୁହଁ
ତୁମେ ସତେଜ କମଳ ଟିଏ
ସାରସ୍ୱତ ଗର୍ଭେ ଜନ୍ମ ନେଇଥିଲ
ସାଧାନର ପୋଥି କହେ ।

ଭାରତୀୟ ସାମରିକ ସେବା
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

ସିନେମା ଓ ମନୋରଂଜନର ଫର୍ଦ୍ଦ

ଧ୍ୱନି ପ୍ରତିଧ୍ୱନି

୫ | ଶୁକ୍ରବାର, ୨୭ ଅକ୍ଟୋବର ୨୦୨୩



# ରାଜ୍ ଗିରଫ ହେବା ପରେ ଦେଶ ଛାଡ଼ି ଲଣ୍ଡନ ଯିବାକୁ ଚାହୁଁଥିଲେ ଶିଳ୍ପା

ବଲିଉଡର ପ୍ରସିଦ୍ଧ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ପାଇଁ ୨୦୨୧ ମସିହା ସେତେ ଭଲ ନଥିଲା। 'ଆଡଲ୍ଟ ଫିଲ୍ମ ସ୍କାଣ୍ଡାଲ' ମାମଲାରେ ରାଜ ଜେଲ ଯାଇଥିବାବେଳେ ସେତେବେଳେ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଜେଲରୁ ବାହାରିବା ପରେ ରାଜ ସବୁବେଳେ ଗଣମାଧ୍ୟମରେ ମୁହଁ ଲୁଚାଇ ରଖୁଥିଲେ। ସେ କୌଣସି ସାର୍ବଜନୀନ କାର୍ଯ୍ୟକ୍ରମ ହେଉ କିମ୍ବା ବିମାନବନ୍ଦରକୁ ଯିବା ବେଳେ ମାସ୍କ ପିନ୍ଧି ମୁହଁ ଲୁଚାଇ ଯାଉଥିଲେ। ହେଲେ ନିଜର ବାୟୋପିକ୍ ୟୁଟି୬୯ର ଟ୍ରେଲର ରିଲିଜ୍ ହେବା ପରଠାରୁ ସେ ମାସ୍କ ପିନ୍ଧିବା ଛାଡ଼ିଛନ୍ତି। ୟୁଟି୬୯ରେ ଜେଲରେ ରାଜଙ୍କ ସହ କ'ଣ ସବୁ ଘଟିଥିବା ତାହା ଦେଖିବାକୁ ପାଇବେ ଦର୍ଶକ। ତେବେ ରିଲିଜ୍ ପୂର୍ବରୁ ରାଜ୍ ନିଜ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କୁ ନେଇ କରିଥିବା ଖୁଲାସା ଏବେ ଚର୍ଚ୍ଚାରେ ରହିଛି। ଫିଲ୍ମର ପ୍ରଚାର ସମୟରେ ରାଜ୍ କହିଛନ୍ତି ଯେ, ମୁଁ ଗିରଫ ହେବା ପରେ ଶିଳ୍ପା ପ୍ରଥମ ବ୍ୟକ୍ତି ଥିଲେ, ଯିଏ ମୋତେ ଦେଶ ଛାଡି ବିଦେଶ ଯିବାକୁ କହିଥିଲେ। ସେ ମୋତେ କହିଥିଲେ ଯେ, ଯଦି ତୁମେ ଏଠାରୁ ବିଦେଶ ଯିବାକୁ ଚାହୁଁଛ ତେବେ ମୁଁ ତୁମ ସହିତ ଅଛି। ଆମେ ସମସ୍ତେ ଲଣ୍ଡନ ଯାଇ ରହିବାକୁ ରାଜି ଅଛୁ। ତୁମେ ସେଠାରେ ବହୁତ କିଛି ଛାଡି ମୋ ପାଇ ଭାରତ ଆସିଥିଲ। ଏବେ ମୁଁ ସବୁକିଛି ଛାଡ଼ିବାକୁ ରାଜି ଅଛି। ହେଲେ ମୁଁ ତାଙ୍କୁ ଏଭଳି କରିବାକୁ ମନା କରିଥିଲି। ମୁଁ କହିଥିଲି ଯେ ମୁଁ କେବଳ ଭାରତରେ ରହିବାକୁ ଚାହୁଁଛି। ଲୋକମାନେ ବଡ଼ ବଡ଼ ଦୁର୍ନୀତି କରି ଟଙ୍କା ଠକିନେବା ପରେ ଦେଶ ଛାଡି ଚାଲିଯାଆନ୍ତି। ମୁଁ ସେପରି କିଛି କରି ନାହିଁ। ସେଥିପାଇଁ ମୁଁ ଏଠାରୁ ଯିବି ନାହିଁ।"

# ଇସ୍ରାଏଲ ରାଷ୍ଟ୍ରଦୂତଙ୍କୁ ଭେଟି ହମାସକୁ ଆଧୁନିକ ଯୁଗର ରାବଣ ବୋଲି କହିଲେ କଙ୍ଗନା

ବଲିଉଡ ଅଭିନେତ୍ରୀ କଙ୍ଗନା ରାନାଓ୍ୱତ ସବୁବେଳେ ନିଜ ବିବୃତି ପାଇଁ ଚର୍ଚ୍ଚାରେ ରହିଥାନ୍ତି। ବେଳେବେଳେ ଏଥିପାଇଁ ତାଙ୍କୁ ବିବାଦରେ ଛନ୍ଦି ମଧ୍ୟ ହେବାକୁ ପଡ଼େ। ଏହା ସତ୍ତ୍ୱେ ବି ସାମାଜିକ କିମ୍ବା ରାଜନୈତିକ ପ୍ରସଙ୍ଗ ଉପରେ କଙ୍ଗନା ଖୋଲାଖୋଲି ଭାବରେ ତାଙ୍କ ମତ ଉପସ୍ଥାପନ କରନ୍ତି। ବର୍ତ୍ତମାନ ସମଗ୍ର ବିଶ୍ୱରେ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଚାଲିଥିବା ଯୁଦ୍ଧ ବିଷୟରେ ଆଲୋଚନା ହେଉଛି। ଦୁଇ ଦେଶ ମଧ୍ୟରେ ହେଉଥିବା ଯୁଦ୍ଧରେ କଙ୍ଗନା ରାନାଓ୍ୱତ ଇସ୍ରାଏଲକୁ ସମର୍ଥନ କରିଛନ୍ତି। ଏହା ସହ ହମାସକୁ ଆଧୁନିକ ଯୁଗର ରାବଣ ବୋଲି କହିଛନ୍ତି। ଦିଲ୍ଲୀରେ ଇସ୍ରାଏଲ ରାଷ୍ଟ୍ରଦୂତଙ୍କୁ ଭେଟିବା ସମୟର କିଛି ଫଟୋ ସେୟାର କରି କଙ୍ଗନା ଲେଖିଛନ୍ତି ଯେ, ଆଜି ସମଗ୍ର ବିଶ୍ୱ, ବିଶେଷ କରି ଇସ୍ରାଏଲ ଏବଂ ଭାରତ ଆତଙ୍କବାଦ ବିରୋଧରେ ଯୁଦ୍ଧ ଲଢୁଛନ୍ତି। ଗତକାଲି ଯେତେବେଳେ ମୁଁ ରାବଣ ପୋଡ଼ି ପାଇଁ ଦିଲ୍ଲୀରେ ପହଞ୍ଚିଲି, ସେତେବେଳେ ମୁଁ ଅନୁଭବ କଲି ଯେ ମୁଁ ଇସ୍ରାଏଲ୍ ଦୂତାବାସକୁ ଆସି ସେହି ଲୋକମାନଙ୍କୁ ଭେଟିବି ଯେଉଁମାନେ ଆଜିର ଆଧୁନିକ ରାବଣ ଏବଂ ହମାସ ପରି ଆତଙ୍କବାଦୀଙ୍କୁ ପରାସ୍ତ କରୁଛନ୍ତି। ଛୋଟ ପିଲା ଏବଂ ମହିଳାମାନଙ୍କୁ ଯେଉଁଭଳି ଭାବେ ଟାର୍ଗେଟ କରାଯାଉଛି ତାହା ହୃଦୟ ବିଦାରକ। ମୋର ସମ୍ପୂର୍ଣ୍ଣ ଆଶା ଅଛି ଯେ ଆତଙ୍କବାଦ ବିରୋଧରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ଇସ୍ରାଏଲ ବିଜୟୀ ହେବ।



ବଲିଉଡ ଅଭିନେତା ରାଜକୁମାର ରାଓଙ୍କୁ ଜାତୀୟ ଆଇକନ୍ ଭାବେ ନିଯୁକ୍ତ କରିବା ପାଇଁ ନିଷ୍ପତ୍ତି ନେଲେ ଭାରତୀୟ ନିର୍ବାଚନ ଆୟୋଗ। ଆୟୋଗ ଆସନ୍ତାକାଲି ରାଜକୁମାର ରାଓଙ୍କୁ ଆଇକନ୍ ଭାବରେ ନିଯୁକ୍ତ କରି ଅଧିକାରୀକ ଭାବେ ଏହାର ଘୋଷଣା କରିବେ ବୋଲି ଜଣାପଡ଼ିଛି। ଯେଉଁମାନଙ୍କୁ ଜାତୀୟ ଆଇକନ୍ କରାଯାଏ, ସେମାନେ ଲୋକମାନଙ୍କୁ ଭୋଟ୍ ଦେବା ବିଷୟରେ ସଚେତନ କରାନ୍ତି। ସେମାନଙ୍କର ପ୍ରୟାସ ଥାଏ ଭୋଟ୍ ପ୍ରତିଶତ ବୃଦ୍ଧି କରିବା। ଅଭିନେତା ରାଜକୁମାର ରାଓ ଅନେକ ଚଳଚ୍ଚିତ୍ରରେ କାମ କରିଛନ୍ତି ଏବଂ ତାଙ୍କର ଅନେକ ଚଳଚ୍ଚିତ୍ର ହିଟ୍ ହୋଇଛି। କିନ୍ତୁ ଫିଲ୍ମ 'ନ୍ୟୁଟନ୍' ଏକ ଏଭଳି ଚଳଚ୍ଚିତ୍ର ଥିଲା ଯାହା ତାଙ୍କୁ ଏକ ଭିନ୍ନ ପରିଚୟ ଦେଇଥିଲା। ୨୦୧୭ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ର ପାଇଁ ରାଜକୁମାର ରାଓ ଶ୍ରେଷ୍ଠ ଅଭିନେତା ଭାବରେ ଜାତୀୟ ପୁରସ୍କାର ଗ୍ରହଣ କରିଥିଲେ। ଏହି ଚଳଚ୍ଚିତ୍ରରେ ରାଜକୁମାର ରାଓ ନୂତନ କୁମାର ନାମକ ଜଣେ ସରକାରୀ କିରାଣୀ ଭୂମିକାରେ ନଜର ଆସିଥିଲେ। ନୂତନ କୁମାର ନିରପେକ୍ଷ ନିର୍ବାଚନ କରିବାକୁ ପ୍ରତିଶ୍ରୁତିବଦ୍ଧ ଥିଲେ। ତାଙ୍କର ଏହି ଚରିତ୍ରକୁ ଦେଖି ନିର୍ବାଚନ ଆୟୋଗ ଅଭିନେତାଙ୍କୁ ଏହି ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଚଳିତ ବର୍ଷ ଅଗଷ୍ଟରେ ନିର୍ବାଚନ ଆୟୋଗ ପୂର୍ବତନ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକରଙ୍କୁ ଏହାର ଜାତୀୟ ଆଇକନ୍ କରିଥିଲେ। ଆସନ୍ତା ବର୍ଷ ଭାରତରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ଅଧିକରୁ ଅଧିକ ଲୋକଙ୍କୁ ଭୋଟ୍ ଦେବା ପାଇଁ ଉତ୍ସାହିତ କରିବାକୁ ନିର୍ବାଚନ ଆୟୋଗ ପ୍ରଥମେ ସଚିନ ତେନ୍ଦୁଲକର ଓ ଏବେ ରାଜକୁମାର ରାଓଙ୍କୁ ଜାତୀୟ ଆଇକନ ଭାବେ ବାଛିଛନ୍ତି।




# ଦୁଗ୍ଧରେ ଏହି ଜିନିଷ ମିଶାଇ ପିଇବା ଦ୍ୱାରା ନିଜକୁ 'ଫିଟ୍' ରଖୁଛନ୍ତି କରୀନା କପୁର

କିଛିଟା ଭାରତୀୟ ଖାଦ୍ୟର ସ୍ୱାଦ ବଢ଼ାଇବା ପାଇଁ ଆମେ ରୋଷେଇରେ ଜାଇଫଳ ବ୍ୟବହାର କରିଥାନ୍ତି। ହେଲେ ଆପଣ ହୁଏତ ଜାଣନ୍ତି ନାହିଁ ଯେ ଏହା କେବଳ ସ୍ୱାଦ ବଢ଼ାଇବା ପାଇଁ ନୁହେଁ, ବରଂ ସ୍ୱାସ୍ଥ୍ୟ ପାଇଁ ବି ଖୁବ୍ ଉପକାରୀ। ପୋଷଣ ବିଶେଷଜ୍ଞ ଲିମା ମହାଜନ ନିକଟରେ ଏକ ଇଂରାଜି ଖବରକାଗଜରେ ତାଙ୍କର ସାକ୍ଷାତ୍କାର ଦେଇ କହିଛନ୍ତି ଯେ ଏହା ଶରୀର ପାଇଁ ଖୁବ୍ ଉପକାରୀ। କେବଳ ଏକ ଚୁଟ୍‌କି ଜାଇଫଳ ଓଜନ ହ୍ରାସରୁ ନେଇ ତ୍ୱଚାକୁ ଚିକ୍କଣ ଦିଶିବାରେ ସାହାଯ୍ୟ କରିବା ଓ ନିଦ୍ରାହୀନତା କମାଇବାରେ ସାହାଯ୍ୟ କରିଥାଏ। ମୋଟାମୋଟୀ ଭାବେ ପୂରା ଶରୀରକୁ ସୁସ୍ଥ ରଖେ। ଜାଇଫଳ ଆମ ଶରୀରରୁ ବିଷାକ୍ତ ପଦାର୍ଥକୁ ବାହାରକୁ ବାହାରି କରିଥାଏ। ଏଥରେ ଓଜନ ହ୍ରାସ କରିବା ପରି ପାଚନ ଗୁଣ ରହିଛି। ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ, ବଲିଉଡ୍ ଅଭିନେତ୍ରୀ କରୀନା କପୁର ବି ଜାଇଫଳର ଫ୍ୟାନ୍। ତାଙ୍କ ନ୍ୟୁଟ୍ରସିନିଷ୍ଟ ନିକଟରେ କରୀନାଙ୍କ ଜାଇଫଳ ସେବନ ବିଷୟରେ ସୂଚନା ଦେଇଥିଲେ। ସେ କହିଛନ୍ତି ଯେ କରୀନାଙ୍କୁ ଜାଇଫଳରୁ ଖୁବ୍ ଲାଭ ମିଳିଛି। କରୀନା ଗର୍ଭବତୀ ଥିବା ସମୟରେ ନିୟମିତ ରାତିରେ ଖିରରେ ଜାଇଫଳ ମିଶାଇ ପିଉଥିଲେ। ଏହାକୁ ପ୍ରତିଦିନ ଗ୍ରହଣ କରିବା ଦ୍ୱାରା ତ୍ୱଚାର ଚମକ ବଜାୟ ରହେ ବୋଲି ନ୍ୟୁଟ୍ରସିନିଷ୍ଟ ଦାବି କରିଛନ୍ତି। ଜାଇଫଳରେ ଭିଟାମିନ୍ ଏ, ସି ଏବଂ ଇ ଆଦି ପୋଷକ ତତ୍ୱ ସହ ମାଙ୍ଗାନିଜ୍, ମ୍ୟାଗ୍ନେସିୟମ୍, ଫସ୍‌ଫରସ୍, ଜିଙ୍କ୍, ଫାଇବର ଓ ଆଇରନ୍ ଆଦି ରହିଛି।



# ଚଳଚ୍ଚିତ୍ର ଶିଳ୍ପ ପାଇଁ ଉପଯୋଗୀ ହେବନି କଳିଙ୍ଗ ଷ୍ଟୁଡିଓର ପୁନରୁଦ୍ଧାର: ଅସନ୍ତୋଷ ଝାଡ଼ିଲେ ଚଳଚ୍ଚିତ୍ର ନିଗମର ପୂର୍ବତନ ଅଧ୍ୟକ୍ଷ

୧୯୮୦ ମସିହାର କଂଗ୍ରେସ ସରକାର ରାଜ୍ୟରେ ଚଳଚ୍ଚିତ୍ର ନିର୍ମାଣକୁ ଶିଳ୍ପର ମାନ୍ୟତା ଦେଇଥିଲେ। ଦେଶର ପ୍ରଥମ ରାଜ୍ୟଭାବେ ଓଡ଼ିଶା ଚଳଚ୍ଚିତ୍ରକୁ ଶିଳ୍ପର ମାନ୍ୟତା ଦେଇଥିଲା। ଶିଳ୍ପନୀତି ଅନୁଯାୟୀ ପ୍ରୋତ୍ସାହନ ଘୋଷଣା ହୋଇଥିଲା। ଏହି ସମୟରେ କଳିଙ୍ଗ ଷ୍ଟୁଡିଓର ସ୍ଥାପନା କରାଯାଇଥିଲା। ବର୍ତ୍ତମାନର ସରକାରଙ୍କ ଅପାରଗତା କାରଣରୁ ଦେଶବ୍ୟାପୀ ପ୍ରସିଦ୍ଧି ଲାଭ କରିଥିବା କଳିଙ୍ଗ ଷ୍ଟୁଡିଓ ୨୦୦୭ ମସିହାରୁ ବନ୍ଦ ହୋଇଯାଇଛି। ସଂପୂର୍ଣ୍ଣ ନଷ୍ଟ ହେବା ପରେ ରାଜ୍ୟ ସରକାର ଏହାର ପୁନରୁଦ୍ଧାର କରିବା ପାଇଁ ପ୍ରୟାସ କରିଛନ୍ତି। କଳିଙ୍ଗ ଷ୍ଟୁଡିଓର ଯେଉଁଭଳି ଭାବେ ନିର୍ମାଣ କରାଯାଉଛି ତାହା କେବଳ ପର୍ଯ୍ୟଟନ ଶିଳ୍ପ ପାଇଁ ଉପଯୋଗୀ ହେବ। ମାତ୍ର ଚଳଚ୍ଚିତ୍ର ଶିଳ୍ପ ପାଇଁ ବିଶେଷ ଉପଯୋଗୀ ହେବନାହିଁ ବୋଲି ମତ ରଖିଛନ୍ତି ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ପୂର୍ବତନ ଅଧ୍ୟକ୍ଷ ଜୟନ୍ତ ମହାନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ କଳିଙ୍ଗ ଷ୍ଟୁଡିଓ ସ୍ଥାପନ ହୋଇଥିଲା। ଓଡ଼ିଶା ଚଳଚ୍ଚିତ୍ରକୁ ସବୁ ପ୍ରକାର ପ୍ରୋତ୍ସାହନ ଦିଆଯାଇଥିଲା। ଫଳରେ ରାଜ୍ୟରେ ଚଳଚ୍ଚିତ୍ର ଶିଳ୍ପର ଅଭୂତପୂର୍ବ ଉନ୍ନତି ଦେଖିବାକୁ ମିଳିଥିଲା। ରାଜ୍ୟ ପ୍ରେକ୍ଷାଳୟ ସଂଖ୍ୟା ୩ଶହ ଟପି ଯାଇଥିଲା। ମାତ୍ର ମହାବାତ୍ୟାରେ ଭାଙ୍ଗିରୁଜି ଯିବା ପରେ ପ୍ରୋତ୍ସାହନ ଅଭାବରୁ ଯାଇଥିବା ପ୍ରେକ୍ଷାଳୟ ସଂଖ୍ୟା ୩୦କୁ ଖସି ଆସିଛି। ତେଣୁ ରାଜ୍ୟରେ ପ୍ରସ୍ତୁତ ହେଉଥିବା ଚଳଚ୍ଚିତ୍ରଗୁଡ଼ିକ ଯଥେଷ୍ଟ ବ୍ୟବସାୟ କରିପାରୁନାହାନ୍ତି। ପ୍ରଯୋଜକଙ୍କ ସଂଖ୍ୟା କମି ଚାଲିଛି। କଳିଙ୍ଗ ଷ୍ଟୁଡିଓର ସ୍ଥାପନ ପଛର ଲକ୍ଷ୍ୟ ରହିଥିଲା ଯେ ଚଳଚ୍ଚିତ୍ରର ଉନ୍ନତି ସହିତ ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ କରିବା। ଏଥିପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜନସାଧାରଣ ରୋଜଗାରକ୍ଷମ ହୋଇପାରିଥିଲେ। ୧୯୮୯ ମସିହାରେ




ପ୍ରସାଦ ଲାବୋରେଟାରି ସ୍ଥାପନ କରାଯାଇଥିଲା। ଯାହାକି ସିନେମା ତିଆରି ପାଇଁ ଉପଯୋଗୀ ହୋଇଥିଲା। ମାତ୍ର ଏବେ ପ୍ରଯୁକ୍ତି ବିଜ୍ଞାନର ପରିବର୍ତ୍ତନ ପାଇଁ ପ୍ରସାଦ ଲାବୋରେଟାରିର ଆଉ କୌଣସି ଆବଶ୍ୟକତା ନାହିଁ। ତେଣୁ କଳିଙ୍ଗ ଷ୍ଟୁଡିଓ ଭିତରେ ଏହାକୁ ରଖିବାର କୌଣସି ମାନେ ନାହିଁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ପୂର୍ବରୁ ଚଳଚ୍ଚିତ୍ର ଉନ୍ନୟନ ନିଗମ ବିଭିନ୍ନ ଚଳଚ୍ଚିତ୍ର ଉତ୍ସବ କରୁଥିଲେ। ୧୯୮୭ ମସିହାରେ ଅନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନର ଚଳଚ୍ଚିତ୍ର ନୀତି ଅନୁଯାୟୀ ଓଡ଼ିଆ ଚଳଚ୍ଚିତ୍ରକୁ ପୂର୍ବରୁ ଦିଆଯାଉଥିବା ପ୍ରୋତ୍ସାହନ ଓ ଋଣର ସୁବିଧାକୁ ବର୍ତ୍ତମାନର ସରକାର ବନ୍ଦ କରିଦେଇଛନ୍ତି। ସେହିପରି ଷ୍ଟୁଡିଓର ଉନ୍ନତୀକରଣ ନାଁରେ ଭଲ ମନ୍ଦ ବିଚାରକୁ ନ ନେଇ ସମସ୍ତ ଘର ଯଥା ରେକର୍ଡିଂ ଓ ସୁଟିଂ ଫ୍ଲୋର ଭାଙ୍ଗିଦେଇଛନ୍ତି। ଏବେ ସେଠାରେ ନିର୍ମାଣାଧୀନ ବିବାହ ମଣ୍ଡପ ସିନେମା ଶିଳ୍ପର କେଉଁ କାମରେ ଲାଗିବ? ନିର୍ମାଣାଧୀନ ଘରଗୁଡ଼ିକ ଯଦି ବୈଷୟିକ ଜ୍ଞାନସଂପନ୍ନ ଓ ସିନେମା ଶିଳ୍ପ ସହିତ ସଂପୃକ୍ତ ଲୋକଙ୍କ ମତାମତରେ କରାଯାଇଥାନ୍ତା, ତାହା ପର୍ଯ୍ୟଟନ ସହିତ ସିନେମା ଶିଳ୍ପର ଚାହିଦାକୁ ମଧ୍ୟ ପୂରଣ କରିପାରିଥାନ୍ତା। ତେଣୁ ଷ୍ଟୁଡିଓର ପୁନରୁଦ୍ଧାର ସିନେମା ଶିଳ୍ପକୁ ପ୍ରକୃତ ସହାୟତା ଯୋଗାଇବା ନା ଆଉ କିଛି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି।

# ନୂଆ ଓଡ଼ିଆ ଫିଲ୍ମ 'ସମ୍ପର୍କ- ନେଭର ଏଣ୍ଡସ୍' : ଦୁଇ କର୍କଟ ରୋଗୀଙ୍କ ଦରଦୀ କାହାଣୀ

ଓଡ଼ିଆ ସିନେମାର ବ୍ୟବସାୟ ନାହିଁ ବୋଲି ହୁରି ପଡୁଥିବାବେଳେ ଅନେକ ପୁରୁଣା ବଡ଼ ପ୍ରଯୋଜକ ନିରବ ହୋଇ ଗଲେଣି। ଏକଦା ଲୋକଙ୍କ ଜିଭ ଅଗରେ ଥିବା ଅନେକ ପ୍ରସିଦ୍ଧ ବ୍ୟାନର କୁଆଡେ ହଜି ଗଲାଣି। ତଥାପି ନୂଆ ନୂଆ ପ୍ରଯୋଜକ ଆସୁଛନ୍ତି, ନୂଆ ନୂଆ ସ୍ୱପ୍ନ ନେଇ। ସେମିତି ଜଣେ ଯୁବ ପ୍ରଯୋଜକ ହେଉଛନ୍ତି ରୂପେଶ କୁମାର ନାୟକ। କଟକରେ ଜନ୍ମିତ ରୂପେଶ ପ୍ରାୟତଃ ଆମେରିକାରେ ରହନ୍ତି। ସେ ତାଙ୍କ ଜେଏନ୍‌ଜେଜେ ବ୍ୟାନରରେ ତିଆରି କରୁଛନ୍ତି ନୂଆ ଓଡ଼ିଆ ଫିଲ୍ମ 'ସମ୍ପର୍କ, ନେଭର ଏଣ୍ଡସ୍'। ଏହାର କାହାଣୀ ସେ ନିଜେ ଲେଖିଛନ୍ତି। କାହାଣୀରେ ରୋମାଞ୍ଚ ଅଛି, ଅଛି ସମ୍ପର୍କର କଥା ଓ ପ୍ରେମର ଚିତ୍ର। କାହାଣୀର କେନ୍ଦ୍ରରେ ଅଛନ୍ତି ଦୁଇଜଣ କର୍କଟ ରୋଗୀ। ଫିଲ୍ମରେ ସେମାନଙ୍କ ସ୍ୱପ୍ନ, ସଂଘର୍ଷ ଓ ସଫଳତାର ଚିତ୍ର ରହିଛି। 'ସମ୍ପର୍କ, ନେଭର ଏଣ୍ଡସ୍'ର ନିର୍ଦ୍ଦେଶନା ଦେଉଛନ୍ତି ଚଣ୍ଡୀ ପରିଜା, ସଙ୍ଗୀତ ଦାୟିତ୍ୱ ନେଇଛନ୍ତି ଅଭିଜିତ ମଜୁମଦାର। ଫିଲ୍ମରେ ଅଛି ଏକ ଆକର୍ଷଣୀୟ ଷ୍ଟାରକାଷ୍ଟ। ଏଥିରେ ପ୍ରମୁଖ ଭୂମିକାରେ ଅଛନ୍ତି ଆକାଶ ଦାସ ନାୟକ, ଏଲିନା ସାମନ୍ତରାୟ, ଲିପ୍ସା ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା, ଅସିତ ପତି, ଜୀବନ ପଣ୍ଡା, ଉଷସୀ ମିଶ୍ର, ନମିତା ଦାସ, ଗୁଡୁ, ସନ୍ତୁ, ସବିତା, ମମତା, ଜ୍ଞାନ, ଭକ୍ତି, ଶିବ ନନା ଓ ଶିଶୁ କଳାକାର ଲାୟନ୍ସ ପ୍ରମୁଖ। ଫିଲ୍ମର ଆଉକିଛି ଡ୍ରାମାର ସୁଟିଂ ବାକି ଥିବାବେଳେ ଏବେ ଗୀତର ସୁଟିଂ ଆରମ୍ଭ ହେବ ବୋଲି ଖବର ମିଳିଛି ।



# ଜେଏସଡବ୍ଲୁ କାର୍ଯ୍ୟାଳୟ ପରିସରରେ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ



ପାରାଦୀପ , ୨୬/୧୦ (ନି.ପ୍ର): ଉତ୍କଳୀୟ ରୀତିନୀତି ଅନୁଯାୟୀ ପାରାଦୀପ ମଧୁବନ ସ୍ଥିତ ଜେ ଏସ ଡ ବ୍ଲୁ କାର୍ଯ୍ୟାଳୟ ପରିସରରେ ପାଞ୍ଚ ଦିନ ଧରି ଜଗତଜନନୀ ମାଆ ଦୁର୍ଗାଙ୍କ ଶାରଦୀୟ ପୂଜା ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ଆଶ୍ୱିନ ମାସ ଶୁକ୍ଳପକ୍ଷ ଷଷ୍ଠୀ ତଥା ଶୁକ୍ରବାର ଦିନ ସକାଳେ ସୂର୍ଯ୍ୟପୂଜା କରାଯିବା ପରେ ଅପରାହ୍ନରେ ବିଲ୍ୱ ବରଣ ପୂଜା ଅନୁଷ୍ଠିତ ହୋଇଥିଲା । ଶନିବାର ସପ୍ତମୀ ଦିନ ମାଆଙ୍କର ମହା ସପ୍ତମୀ ପୂଜା,କଳସ ଯାତ୍ରା,ନବ ପତ୍ରିକା ବିହିତ ପୂଜା, ଚକ୍ଷୁ ଦାନ କରାଯାଇଥିଲା । ରବିବାର ମାଆଙ୍କର ମହାଷ୍ଟମୀ ପୂଜା ସହିତ ସନ୍ଧିପୂଜା ଯଥା ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା । ସୋମବାର ଦିନ ମାଆଙ୍କର ମହାନବମୀ ପୂଜା ଓ ମଙ୍ଗଳବାର ଦିନ ମାଆଙ୍କର ବିଜୟା ଦଶମୀରେ ସକାଳୁ ସୂର୍ଯ୍ୟପୂଜା ହେବା ପରେ ଅପରାଜିତା ପୂଜା, କୁମାରୀ ପୂଜା ଅନୁଷ୍ଠିତ ହୋଇଥିଲା । ଏଥି ସହିତ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ ସହିତ ପୂର୍ଣ୍ଣ ଆଳତୀ କରାଯାଇଥିଲା ।ପରେ ମାଆଙ୍କର କଳସ ବିସର୍ଜନ ସହିତ ମାଆଙ୍କର ମୃଣୟୀ ମୂର୍ତ୍ତିଙ୍କୁ ଏକ ଶୋଭାଯାତ୍ରାରେ ନେଇ ବିସର୍ଜନ କରାଯାଇଥିଲା ।

ଏହି ଅବସରରେ ସପ୍ତମୀ ଦିନ ସ୍ଥାନୀୟ ଅଞ୍ଚଳର ସୁନାମଧନ୍ୟ କଳାକାର ମାନଙ୍କ ପକ୍ଷରୁ ଏକ ଭଜନ ସଂଧ୍ୟା ପରିବେଷଣ କରାଯାଇଥିଲା । ଅଷ୍ଟମୀ ଦିନ ସନ୍ଧ୍ୟାରେ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ, ଅଧିକାରୀ ମାନଙ୍କ ଦ୍ୱାରା ଗରବା ଓ ଦାଣ୍ଡିଆ ନୃତ୍ୟ ପରିବେଷଣ କରାଯାଇଥିଲା । ନବମୀ ସଂଧ୍ୟାରେ କାର୍ଯ୍ୟରତ କର୍ମଚାରୀ ଅଧିକାରୀ ଓ ସେମାନଙ୍କ ପରିବାର ବର୍ଗଙ୍କ ପକ୍ଷରୁ ବିଭିନ୍ନ ପ୍ରକାରର ନୃତ୍ୟ ଗୀତ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏହି ପୂଜା କାର୍ଯ୍ୟକ୍ରମକୁ କାର୍ଯ୍ୟାଳୟର ଅଧିକାରୀ ଡି କେ ସିହ୍ନା ,ପ୍ରକାଶ ହାତୀ, ପଙ୍କଜ ତିୱାରୀ, ଅକ୍ଷୟ ପତି, ଗୋବିନ୍ଦ ମହାନ୍ତି, ସରୋଜ କୁମାର ସ୍ୱାଇଁ, ଶକ୍ତି ଶଙ୍କର ତ୍ରିପାଠୀ,ଡି ଭି ଶ୍ରୀକାନ୍ତ, ଜଗମୋହନ ଦାସ,ସୁଲୋଚନା ଜେନା,ଶ୍ରାବଣୀ ପ୍ରଧାନ, ସ୍ୱୟଂ ପ୍ରଜ୍ଞା ମହାନ୍ତିଙ୍କ ସମେତ ସମସ୍ତ ଭି ଏଲ ସି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ତେନ୍ତୁଳିଆ ଦୁର୍ଗାପୂଜା ଉତ୍ସବରେ ଓଲିଉଡ ଷ୍ଟାର ଦମ୍ପତି ସବ୍ୟସାଚୀ ଓ ଅର୍ଚ୍ଚିତା



ନୀଳଗିରି , ୨୬/୧୦ (ନି.ପ୍ର): ନୀଳଗିରି ବ୍ଲକ ସୀମାନ୍ତ ଗାଁ ତେନ୍ତୁଳିଆ ଠାରେ ଦୂର୍ଗତୀନାଶିନି ଦେବୀଦୁର୍ଗାଙ୍କ ନବଦିନାତ୍ମକ ପୂଜା ମହା ଧୁମଧାମରେ ପାଳିତ ହୋଇଯାଇଛି ।ଦୁର୍ଗୋତ୍ସୋବ କମିଟିର ସଭାପତି ବର୍ତ୍ତମାନର ଢ଼େଙ୍କାନାଳ ଜିଲ୍ଲାପାଳ ତଥା ଉକ୍ତ ଗାଁର ପୁଅ ସରୋଜ କୁମାର ସେଠୀଙ୍କ ମାର୍ଗଦର୍ଶନରେ କମିଟି ସଦସ୍ୟଙ୍କ ଉଦ୍ୟମରେ ଦୀର୍ଘ ୧୩ ବର୍ଷଧରି ମାଙ୍କ ପୂଜା ହୋଇଆସୁଛି । ପ୍ରତିବର୍ଷ ଓଡ଼ିଶାର ବିଭିନ୍ନପ୍ରାନ୍ତରର ସଂସ୍କୃତି ଓ ପରମ୍ପରାକୁ ପ୍ରତିନିଧିତ୍ୱ କରୁଥିବା ସଂଗଠନ ଯଥା:-ଛଉ, ଓଡ଼ିଶୀ, ମାଲଖମ୍ବ, ସମ୍ବଲପୁରୀ, ଦଣ୍ଡନାଚ ସହିତ ଓଡ଼ିଶାର ନାମକରା ମେଲୋଡି, ଅଭିନେତା/ଅଭିନେତ୍ରୀ, ହାସ୍ୟାଭିନେତା ପ୍ରଭୃତି କଳାକାର ମାନଙ୍କୁ ଆଣି ପୂଜାପେଣ୍ଡାଲ ର ଶୋଭାର ଶୋଭାବର୍ଦ୍ଧନ କରାଇବାରେ ସରୋଜଙ୍କ ଭୂମିକା ଅନବଦ୍ୟ । ଚଳିତ ବର୍ଷ ମହାମାୟାଙ୍କ ମହାନବମୀ ଅବସରରେ ତେନ୍ତୁଳିଆ ପୂଜା ପେଣ୍ଡାଲ ରେ ଓଲିଉଡ ସୁପରଷ୍ଟାର ସବ୍ୟସାଚୀ ଏବଂ ନାୟିକା ତଥା ଧର୍ମପତ୍ନୀ ଅର୍ଚ୍ଚିତାଙ୍କ ସଂଳାପ ଓ ଗୀତରେ ହଜାର ହଜାର ଦର୍ଶକ ଝୁମିଥିଲେ । ତେବେ ତେନ୍ତୁଳିଆ ପୂଜା ମଣ୍ଡପରେ ପହଞ୍ଚିବା ପୂର୍ବରୁ ରାଜ ବରହମପୁର ସ୍ଥିତ ପୂଜା ମଣ୍ଡପରେ ସରୋଜଙ୍କ ସମେତ ଅଭିନେତା ସବ୍ୟସାଚୀ ଓ ଅର୍ଚ୍ଚିତା ଉପସ୍ଥିତ ଥିଲେ । ପରେ ସେଠାରୁ ତେନ୍ତୁଳିଆ ଠାରେ ପହଞ୍ଚି ପ୍ରାରମ୍ଭିକ ମଞ୍ଚ କାର୍ଯ୍ୟକ୍ରମରେ ସଭାପତି ଶ୍ରୀଯୁକ୍ତ ସେଠୀଙ୍କ ସହ ତାଙ୍କ ସାନଭାଇ ଡାକ୍ତର ପ୍ରଶାନ୍ତ ସେଠୀ ଏବଂ କମିଟିର ସଦସ୍ୟମାନେ ଉଭୟ ଅର୍ଚ୍ଚିତା ଓ ସବ୍ୟସାଚୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପରେ ଆର୍ଯ୍ୟକବି ପଣ୍ଡିତ ଡଃ ପ୍ରମୋଦ କୁମାର ମିଶ୍ରଙ୍କ ଲିଖିତ 'ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଇତିହାସ'ବହିକୁ ଉନ୍ମୋଚନ କରାଯାଇଥିଲା । ପରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଦଶମୀରେ ମା ଙ୍କ ପୂଜାବିଧି ସମ୍ପନ୍ନ ପରେ ପୂର୍ଣ୍ଣାହୂତି ଦିଆଯାଇଥିଲା । ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ସର୍ବଶେଷରେ ଏକ ବିରାଟ ରାବଣ ପୋଡିରେ ଆୟୋଜନ କରାଯାଇଥିଲା । ହଜାର ହଜାର ସଂଖ୍ୟାରେ ଦର୍ଶକ ଆଖପାଖ ଅଞ୍ଚଳରୁ ରାବଣ ପୋଡି ଦେଖିବାକୁ ସମବେତ ହୋଇଥିଲେ ।

# ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ଧାରଣା

ଜୟପୁର, ୨୬/୧୦ (ନି.ପ୍ର): ରାଜ୍ୟ ସ୍ତରୀୟ ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ପାଂଚ ଦଫା ଦାବି ରେ ଥିବା ଧାରଣା ଡାକରାକୁ ସମର୍ଥନ କରି କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ, ଉପ-ସଭାପତି ଶ୍ରୀ ଆଶୋକ କୁମାର ରଥ, ସମ୍ପାଦକ ଶ୍ରୀ ମନୋଜ କୁମାର ଦାସ, ଶ୍ରୀ ଗୋଲକ ବିହାରୀ ପାଇକରାୟ, ବିଦ୍ୟାଧର ପ୍ରଧାନ, ଶ୍ରୀ ଅତୁଲ୍ୟ କୁମାର ମଲ୍ଲିକ, ମନୋଜ କୁମାର ସାହୁ, ଶ୍ରୀକାନ୍ତ ଦାସ, ସୁଶାନ୍ତ ବେହେରା, ରମାମଣି ଦାସ, ଦିନେଶ କୁମାର ମିଶ୍ର, ସ୍ୱଦେଶ ମାଦଳା, ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ଏବଂ ବ୍ୟାଙ୍କର ସମସ୍ତ ଶାଖାରେ ମଧ୍ୟ କର୍ମଚାରୀମାନେ ଉପସ୍ଥିତ ରହି ଧାରଣାକୁ ସଫଳ କରି ସରକାରଙ୍କ ନିଷ୍ପତି ଅପେକ୍ଷାରେ ରହି ଅଛନ୍ତି । କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀଙ୍କୁ ଗତ ୨୦୧୬ ଜାନୁଆରୀ ପହିଲାରୁ ବକେୟା ସପ୍ତମ ବେତନ କମିଶନଙ୍କ ଅର୍ଥ ପ୍ରଦାନ, ୨୦୧୪ ସେପ୍ଟମ୍ବର ପହିଲା ପରେ ଯୋଗ ଦେଇଥିବା କର୍ମଚାରି ଙ୍କ ପାଇ ପେନସନ କର୍ପସ ଫଣ୍ଡ ଗଠନ, କ୍ୟାଡର ଫଣ୍ଡକୁ କେନ୍ଦ୍ର ସମବାୟ ବ୍ୟାଙ୍କର ଅଂଶଧନ ପ୍ରଦାନ ଉପରେ ପୁର୍ନବିଚାର କରିବା, ପ୍ରାଥମିକ ସମବାୟ ସମିତି, ଲ୍ୟାମ୍ପସ ମାନଙ୍କର ଫ୍ଲେକ୍ସି ଏକାଉଣ୍ଟ ରାଜ୍ୟ ସବାୟ ବ୍ୟାଙ୍କରେ ଖୋଲିବା ଆଦେଶ ପ୍ରତ୍ୟାହାର କରିବାକୁ କର୍ମଚାରି ସଂଘ ଦାବି କରିଛି ।

# ରାଜେନ ପରିଡ଼ା ବାଲେଶ୍ୱର ଜିଲ୍ଲା ବିଜେପିର ଉପସଭାପତି ଭାବରେ ମନୋନୀତ



ବସ୍ତା, ୨୬/୧୦ (ନି.ପ୍ର): ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ନୂତନ ଉପସଭାପତି ଭାବରେ ବସ୍ତା ମାଟିର ଲୋକ ପ୍ରିୟ ଯୁବ ନେତା ରଜେନ ପରିଡ଼ା ମନୋନୀତ ହୋଇଛନ୍ତି । ଆଜି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ମାନ୍ୟବର ସାଂସଦ ଶ୍ରି ଯୁକ୍ତ ପ୍ରତାପ ଷଡ଼ଙ୍ଗୀ, ପୂର୍ବତନ ମନ୍ତ୍ରୀ ବସ୍ତକ୍ଷ ମାଟି ର ଲଢୁଆ ନେତା ଶ୍ରୀ ରଘୁନାଥ ମହାନ୍ତି ଙ୍କ ଅନୁମୋଦନ କ୍ରମେ ଜିଲ୍ଲା ଯୁବ ମୋର୍ଚ୍ଚା ସଭକ୍ଷପତି ରାଜେଶ ମହାପାତ୍ର ଯୁବ ମୋର୍ଚ୍ଚା ଟିମ ଘୋଷୋଣକ୍ଷ କରିଥିଲେ । ପୂର୍ବରୁ ଜିଲ୍ଲା ଓ ମଣ୍ଡଳ ରେ ଭାରତୀୟ ଜନତା ପାର୍ଟି ରେ ରହି ଦଳର ବିଭିନ୍ନ ପଦବୀ ରେ ରହି ନିଜର ସାଂଗଠନିକ ଦକ୍ଷତା ର ପରିଚୟ ଦେବା ସହିତ ଏବେ ର ଛାତ୍ର ଅବସ୍ଥାରୁ ଭାରତୀୟ ଜନତା ପାର୍ଟିକୁ ଦଳର ସଂଗଠନ କୁ ମଜବୁତ କରିବା ପାଇଁ ସେ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି । ଅ ତାଙ୍କ ର ମୂଳ ମନ୍ତ୍ର ସଦକ୍ଷ ସର୍ବଦା ଜନ ସାଧାରଣ ଙ୍କ ହିତ ପାଇଁ ଲଢ଼େଇ ଜାରି ରଖିବେ । ନମ୍ର, ଭଦ୍ର , ମିଷ୍ଟ ଭାସି ଓ ଦରଦି ମଣିଷ ତାଙ୍କୁ ଆସୁ ଭାଇ ବଳି ସମସ୍ତେ ଡାକନ୍ତି । ତାଙ୍କ ର ଜିଲ୍ଲା ଉପ ସଭାପତି ହେବା ର ଶ୍ରେୟ ସାଧାରଣ ଜନ ସାଧାରଣ ଓ ଯୁବ ସାଥୀ ମାନଙ୍କୁ ଦେଇ ଛନ୍ତି । ମା କସ୍ତୁରୀ ଦେବୀ ଙ୍କ ଗର୍ଭ ରୁ ଜାତ ମା ଠାରୁ ଅନୁପ୍ରାଣିତ ହୋଇ ମା ମଧ୍ୟ ପରଉପ କକ୍ଷରୀ ନର୍ସ ଥିଲେ । ସବୁ ମହଲ ରୁ ଶୁଭେଛା ବାର୍ତ୍ତା ତାଙ୍କୁ ଅକ୍ଷଗକୁ ଯିବା ର ରାସ୍ତା ଉନ୍ମୁକ୍ତ କରିଛି ।

# ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ପାଇଁ ସୁପାରିଶ: ମୁଣ୍ଡା ସମାଜ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ



ବାରିପଦା , ୨୬/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗତ ୧୯ତାରିଖ ରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୁଣ୍ଡା (ଭୁମିଜ) ଆଦିବାସୀ ମାନଙ୍କର ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଛେଦରେ ସାମିଲ କରିବାକୁ ଅନୁମୋଦନ କରି କେନ୍ଦ୍ରକୁ ସୁପାରିଶ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମୁଣ୍ଡା ସମାଜ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ଭାରତ ମୁଣ୍ଡା ସମାଜ ଓଡିଶା ରାଜ୍ୟସଭାପତି ରବିନ୍ଦ୍ର ନାଥସିଂହଙ୍କ ସଭାପତିତ୍ୱରେ ପୋଡାଅସ୍ତିଆ ଠାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥୀ ଭାବେ ସ୍କୁଲ ଓ ଗଣଶିକ୍ଷା ଏବଂ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ସମ୍ମାନୀୟ ଅତିଥୀ ଭାବରେ ପୁର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି, ଭାରତ ମୁଣ୍ଡା ସମାଜର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ନାଥ ସିଂ ଉପସଭାପତି ଶିବପ୍ରସାଦ ସିଂ, ଉପଦେଷ୍ଟା ମନୋଜ କୁମାର ମୁଣ୍ଡା, ଶିକ୍ଷା ସମ୍ପାଦକ ବିଜୟ କୁମାର ସିଂ, ସକ୍ରିୟ ସଭ୍ୟ ରାଜେନ୍ଦ୍ର ସିଂ, ମୁଣ୍ଡାରୀ ସମାଜ ସାୱାର ଜାମଡାର ସଭାପତି ନନ୍ଦଲାଲ ସିଂ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ଚିରଦିନ ମୁଣ୍ଡା ଜନଜାତିଙ୍କ କଲ୍ୟାଣ ପାଇଁ କାମକରୁଛନ୍ତି ବୋଲି କହିଥିଲେ । ସଭା ପ୍ରାରମ୍ଭରେ ଅତିଥୀ ମାନେ ମୁଣ୍ଡାରୀ ଲିପିର ସ୍ରଷ୍ଟା ଅଲ ଗୁରୁ ପଣ୍ଡିତ ରୋହିଦାସ ସିଂ ନାଗ ଓ ଭଗବାନ ବିର୍ସାମୁଣ୍ଡାଙ୍କ ପ୍ରତିମୁର୍ତ୍ତୀରେ ମାଲ୍ୟାର୍ପଣ କରି ଥିବା ବେଳେ ଶେଷରେ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ୨୦ ଫୁଟ ତଳକୁ ଖସିଲା ବାଇକ୍, ଜଣେ ମୃତ, ଜଣେ ଗୁରୁତର

କୋରବା, ୨୬/୧୦ (ନି.ପ୍ର): କୋରବା ଜିଲ୍ଲାରେ ପୋଲରୁ ୨୦ଫୁଟ ଖସିଲା ବାଇକ୍ । ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି । ସୂଚନା ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ସୂଚନା ମୁତାବକ ମୃତକ ନିଜ ଭାଇଙ୍କ ଘରକୁ ଦଶହରା ଦେଖିବାକୁ ଆସିଥିଲେ । ମୃତକ ହେଲେ ଯୋଗେଶ ଯାଦବ । ସୂଚନା ପାଇବା ପରେ ପୋଲିସ ଦୁଇଜଣଙ୍କୁ ଉଦ୍ଧାର କରିଥିଲା । ମାତ୍ର ଜଣଙ୍କର ମୃତ୍ୟୁ ହୋଇସାରିଥିବା ବେଳେ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି ।

# ପୁସ୍ତକ 'ଏଇତ ଜୀବନ'ର ଲୋକାର୍ପଣ ଉତ୍ସବ

ବଲାଙ୍ଗିର, ୨୬/୧୦ (ନି.ପ୍ର): ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାରର ସମ୍ମିଳନୀ କକ୍ଷରେ ଅଭିଭାବକ ମଂଚ ସଭାପତି ଧର୍ମବ୍ରତ ରଥଙ୍କ ସଭାପତିତ୍ୱରେ ଲେଖକ ପ୍ରଶନ୍ନ କୁମାର ମିଶ୍ରଙ୍କ ଲିଖିତ ଏଇତ ଜୀବନ ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ମୁଖ୍ୟ ଅତିଥି ମର୍ଯ୍ୟଦାରେ ଡ. ଗୋପବନ୍ଧୁ ରଥ, ତଥା ସମ୍ମାନିତ ଅତିଥି ଭାବରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଏବଂ ସଂପାଦକ ଗୋବିନ୍ଦ ମିଶ୍ର ମଂଚାସିନ ଥିଲେ । ପାରସ କୁମାର ଓ ଆଦର୍ଶ କୁମାର ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ପ୍ରଥମେ ଦେବୀ ସରସ୍ୱତୀଙ୍କ ଫଟୋଚିତ୍ରରେ ଅତିଥି ଗଣ ପୁଷ୍ପମାଲ୍ୟ ଅର୍ପଣ କଲାପରେ ଏଇତ ଜୀବନ ପୁସ୍ତକ ଉନ୍ମୋଚନ କରିଥିଲେ । ଲେଖକ ପୁସ୍ତକର ଆଭିମୁଖ୍ୟ ଜଣାଇଥିଲେ । ଜାତୀୟ ସ୍ତରର ଲେଖକ ଡ. ଶ୍ରୀକାନ୍ତ ପାଣିଗ୍ରାହୀ ପୁସ୍ତକ ସମିକ୍ଷା କରିଥିଲେ । କୃଷ୍ଣଚନ୍ଦ୍ର ମହାକୁର ନିଜସ୍ୱ ମତାମତ ଦେଇଥିଲେ । ଅତିଥିଗଣ ତଥ୍ୟପୂର୍ଣ୍ଣ ପ୍ରଦାନ ସହ ଜୀବନ ସଂଗ୍ରାମ, ମୃତ୍ୟୁ ପୂର୍ବରୁ ଜୀବନ ଓ ମୃତ୍ୟୁ ପରେ ଜୀବନ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସମଗ୍ର କାର୍ଯ୍ୟକ୍ରମ କୁ ବିଶିଷ୍ଟ ଲେଖିକା କସ୍ତୁରୀ ରଥ ସଂଯୋଜନା କରିଥିଲେ । ସଭାରେ ସତ୍ୟବନ୍ତ ବେଦବାକ, ପ୍ରଭାକର ମିଶ୍ର, ମନୋରଂଜନ ସାହୁ, ପ୍ରଫେସର ତରୁଣ କୁମାର ମିଶ୍ର, ମଦନ ମୋହନ ରଥ, ଡା. ଅଶୋକ କୁମାର ସେଠି, ଗରୁଡଧ୍ୱଜ ସାଏ ଉପସ୍ଥିତ ଥିଲେ ।

# ଶ୍ରୀମା କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ସ୍ୱାଗତ ଉତ୍ସବ



ବାରିପଦା , ୨୬/୧୦ (ନି.ପ୍ର): ଶ୍ରୀମା ମହିଳା ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ନବାଗତା ସ୍ନାତକ ଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି. ଉକ୍ତ ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷ ନଟବର ଗିରି ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକୁ ଉଦଘାଟନ କରି ଛାତ୍ରୀମାନଙ୍କ ଭବିଷ୍ୟତ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ସଭାରେ ଉପସ୍ଥିତ କଲେଜର ପ୍ରଶାସନିକ ଅଧିକାରୀ ପ୍ରାଧାପିକା ଗୀତା ଶତପଥୀ, ଅଧ୍ୟାପକ ଦୀପକ କୁମାର ରାଉତ, ଅଧ୍ୟାପିକା ମିତା ରାଣୀ ମିଶ୍ର, ଅଧ୍ୟାପିକା ମାମୁନି ମାରାଣ୍ଡି ପ୍ରମୁଖ ଯୋଗଦେଇ ଛାତ୍ରୀ ମାନେ ସେମାନଙ୍କ ପାଠ ପଢ଼ିବା ସହିତ ନିଜର ଗୁଣାତ୍ମକ ଦକ୍ଷତାକୁ ବୃଦ୍ଧି କରିବା ସଂପର୍କରେ ବକ୍ତବ୍ୟ ରଖିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପିକା ମାନସୀ ରାଣୀ ବାରିକ ସଭା ପରିଚାଳନା କରିଥିବା ବେଳେ, ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ନୀଳଗିରିରେ ୩୬ ତମ ରାବଣ ପୋଡ଼ି ଉତ୍ସବ ମହାସମାରୋହରେ ପାଳିତ




ନୀଳଗିରି , ୨୬/୧୦ (ନି.ପ୍ର): ପ୍ରବଳ ଜନସମାଗମ ମଧ୍ୟରେ ନୀଳଗିରିର ରାବଣ ପୋଡି ଉତ୍ସବ ପାଳିତ ହୋଇଯାଇଛି । ପବିତ୍ର ବିଜୟାଦଶମୀ ଅବସରରେ ନୀଳଗିରି ଷ୍ଟାଡିୟମ ପଡ଼ିଆ ପରିସରରେ ୩୬ତମ ରାବଣ ପୋଡ଼ି ଉତ୍ସବ ସ୍ଥାନୀୟ ପୂର୍ବତନ ବିଧାୟକ ତଥା ରାବଣପୋଡି କମିଟି ର ସଭାପତି ଅକ୍ଷୟ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ସଂଜୀବ ଗିରି, କଂଗ୍ରେସ ଜିଲ୍ଲା ଅଧକ୍ଷ ବିକାଶ ଦାସ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରାବଣପୋଡି କମିଟିର ସମ୍ପାଦକ ଦୈତାରୀ ମହାଳିକ, ସଦାଶିବ ରଥ, ବିଶ୍ୱନାଥ ଦାସ, ସମାଜସେବୀ ସଦାଶିବ ରଥ ପ୍ରମୁଖ ଯୋଗ ଦେଇ ରାବଣ ପୋଡ଼ିର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ପରେ ରାବଣ ଦେହରେ ଅଗ୍ନିସଂଯୋଗ କରାଯାଇଥିଲା । ଏହାକୁ ଦେଖିବାକୁ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା ।

# ପୋଲିଓ ନିର୍ମୂଳ ପାଇଁ ରୋଟାରୀର ଭୂମିକା ଅବିସ୍ମରଣିୟ : ଡ଼ା. ଲକ୍ଷ୍ମୀକାନ୍ତ ପତି




ଉଦଳା , ୨୬/୧୦ (ନି.ପ୍ର): ଉଦଳା ରୋଟାରି କ୍ଲବ ତରଫରୁ ସ୍ଥାନିୟ ଶ୍ରୀମା ଶିକ୍ଷା ନିକେତନ ପରିସରରେ ଚଳିତ ଅକ୍ଟୋବର ୨୪ ତାରିଖ ମଙ୍ଗଳବାର ଦିନ ବିଶ୍ୱ ପୋଲିଓ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ରୋଟାରି କ୍ଲବ ତରଫରୁ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା ଏଥିରେ କ୍ଲବର ସଭାପତି ମନୋରଂଜନ ପାଢ଼ି ଅଧ୍ୟକ୍ଷତା କରି ପୋଲିଓ ରୋଗର ଭୟାବହତା କିପରି ସମଗ୍ର ବିଶ୍ୱକୁ କବଳିତ କରିଥିବା ବେଳେ ଚିକିତ୍ସା ବିଜ୍ଞାନର ଅଗ୍ରଗତି ଓ ରୋଟାରି କ୍ଲବର ଉଦ୍ୟମ ଫଳରେ ଆଜି ସମଗ୍ର ବିଶ୍ୱ ପୋଲିଓ ମୁକ୍ତ ହେବାକୁ ଯାଉଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ଉପଖଣ୍ଡ ସରକାରି ଚିକିତ୍ସାଳୟ, ଉଦଳାର ଚିକିତ୍ସାଧିକାରୀ ଡ଼ା. ଲକ୍ଷ୍ମୀକାନ୍ତ ପତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଆଜି ପୃଥିବୀର କେବଳ ପାକିସ୍ଥାନ ଓ ଅଫଗାନିସ୍ଥାନ ଏହି ଦୁଇଟି ଦେଶକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଦେଶ କିପରି ପୋଲିଓ ମୁକ୍ତ ହୋଇ ଯାଇଛି ଏବଂ ଏହା କିପରି ସମ୍ଭବ ହୋଇଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିବା ସହ ଏକ୍ଷେତ୍ରରେ ସ୍ୱେଚ୍ଛାସେବୀ ସଂଗଠନ ରୋଟାରିର ଉଦ୍ୟମକୁ କେବେ ଭୁଲି ହେବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଡ଼ା. ସଚିଦାନନ୍ଦ ପରିଡ଼ା, ଡ଼ା. ଗୋପିନାଥ ଶା, ଶ୍ରୀମା ଶିକ୍ଷାନିକେତନର ଅଧ୍ୟକ୍ଷା ସନ୍ତୋସିନି ମହାନ୍ତି, ଯୋଗ ଶିକ୍ଷକ ବ୍ରହ୍ମାନନ୍ଦ ନାୟକ ପ୍ରମୁଖ ଅଂଶ ଗ୍ରହଣ କରି ଆମ ଦେଶକୁ ପୋଲିଓ ମୁକ୍ତ କରିବା ପାଇଁ ଆଶା, ଅଙ୍ଗନୱାଡ଼ି ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମାନେ କିପରି ଉଦ୍ୟମ ଜାରି ରଖିଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ କ୍ଲବର ପୂର୍ବତନ ସଂପାଦକ ସୁଦର୍ଶନ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ସମ୍ପାଦକ ଶୁଶାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୀଳଗିରି ଓ କୁଳଡିହା ଅଭୟାରଣ୍ୟ ରେଞ୍ଜରେ ବାଘ ଗଣନା ଆରମ୍ଭ

ନୀଳଗିର, ୨୬/୧୦ (ନି.ପ୍ର): ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ ଥିବା ଦୁଇଟି ରେଞ୍ଜରେ ବାଘ ଗଣନା ଆରମ୍ଭ ହୋଇଛି । ନୀଳଗିରି ଓ କୁଳଡିହା ଅଭୟାରଣ୍ୟ ରେଞ୍ଜରେ ରେ ବୁଧବାର ସକାଳ ୬ରୁ ଠାରୁ ବାଘ ଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୬ଦିନ ଧରି ଚାଲିବ ଏହି ଗଣନା ପ୍ରକ୍ରିୟା । ବାଲେଶ୍ୱର ଡିଏଫଓ ଙ୍କ ନିର୍ଦ୍ଦେଶରେ ଦୁଇଟି ରେଞ୍ଜର ବନ କର୍ମଚାରୀ ମାନେ ଅଲଗା ଅଲଗା ଟିମ କରି ନୀଳଗିରି ବିଭିନ୍ନ ବିଟ ଓ ଅଭୟାରଣ୍ୟ ରେ ପେଟ୍ରୋଲିଂ ଆରମ୍ଭ କରିଛନ୍ତି । ବାଘ ମାନଙ୍କର ପାଦଚିହ୍ନକୁ ଚିହ୍ନଟ କରି ପ୍ଲାଷ୍ଟରପ୍ୟାରିସ ସହ ବିଭିନ୍ନ ଉପାୟରେ ବାଘ ଗଣନା କରିବାକୁ ସ୍ଥିର ହୋଇଛି । ଯଦି କେଉଁଠାରେ ବାଘର ସନ୍ଧାନ ମିଳେ ତାହେଲେ ସେହି ଅଞ୍ଚଳରେ ଟ୍ରାପ କ୍ୟାମେରା ବସିବ ବୋଲି କୁହାଯାଇଛି । କୁଳଡିହା ରେଞ୍ଜଅଧିକାରୀ ପ୍ରବୀର ମୁର୍ମୁ ଙ୍କ ତତ୍ତ୍ୱାବଧାନରେ ଅଭୟାରଣ୍ୟ ଭିତରେ ୧୪ଟି ବିଟରେ ୪୨ ଜଣ ବନ କର୍ମଚାରୀଙ୍କ ଦ୍ୱାରା ଅଲଗା ଅଲଗା ଟିମ କରି ଅଭୟାରଣ୍ୟରେ ବାଘ ଗଣନା ଚାଲିଥିବା ବେଳେ ନୀଳଗିରି ରେଞ୍ଜର ଆଠଟି ବିଟରେ ନୀଳଗିରି ରେଞ୍ଜର ଆଇସା ଏ. ନିସାଙ୍କ ନେତୃତ୍ୱରେ ବାଘ ଗଣନା ଚାଲିଛି ।

# ଇଷ୍ଟକୋଷ୍ଟ ରେଳବାଇ ଇନଷ୍ଟିଚ୍ୟୁଟ କଟକର ରେଳମଣ୍ଡଳ ଓ ଅନ୍ତଃମଣ୍ଡଳୀୟ ସାଂସ୍କୃତିକ ପ୍ରତିଯୋଗିତା-୨୦୨୩

କଟକ, ୨୬/୧୦ (ନି.ପ୍ର): ଖୋର୍ଦ୍ଧା ରୋଡ଼ ରେଳ କଲ୍ୟାଣ ମଣ୍ଡପଠାରେ ପୂର୍ବତଟ ରେଳପଥର ମଣ୍ଡଳ ଓ ଅନ୍ତ ରେଳମଣ୍ଡଳିୟ ସାଂସ୍କୃତି ପ୍ରତିଯୋଗିତା-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଏହି ଉଭୟ ପ୍ରତିଯୋଗିତାରେ ରେଳବାଇ ଇନଷ୍ଟିଚ୍ୟୁଟ କଟକର ପ୍ରତିଯୋଗୀମାନେ କାର୍ଯ୍ୟକାରୀ ସଭାପତି ଡ.ସଂଜୀବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବର୍ଗରେ ଅଂଶ ଗ୍ରହଣ କରି ଅନେକ ସଫଳତା ହାସଲ କରିଛନ୍ତି। ମଣ୍ଡଳ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶୀ ନୃତ୍ୟରେ ଲିପ୍ସା ରାୟ ପ୍ରଥମ ସ୍ଥାନ, ତୃପ୍ତିମୟୀ ବେହେରା ଦ୍ୱିତୀୟ ସ୍ଥାନ ଓ ଅଙ୍କିତା ମିଶ୍ର ତୃତୀୟ ସ୍ଥାନ, ଦଳଗତ ନୃତ୍ୟରେ ସମ୍ବଲପୁରୀ ନୃତ୍ୟଦଳ ଦ୍ୱିତୀୟ ସ୍ଥାନ, ମହିଳା ବର୍ଗର ଦାଣ୍ଡିଆ ନୃତ୍ୟ ଦଳ ତୃତୀୟ ସ୍ଥାନ, ସଂଗୀତରେ ସେକ ସାକୀର ଦ୍ୱିତୀୟ ସ୍ଥାନ ଓ ନାଟକ ଦଳ ମୃଗ କସ୍ତୁରୀ ନାଟକ ପରିବେଷଣ କରି ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସମସ୍ତ ବର୍ଗରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ଓ ଦଳ ପୁନଶ୍ଚ ଅନ୍ତ ମଣ୍ଡଳୀୟ ସାଂସ୍କୃତିକ ପ୍ରତିଯୋଗିତାରେ ଭାଗ ନବା ଲାଗି ମନୋନୀତ ହୋଇଥିଲେ। ଏଥିରେ ରେଳବାଇ ଇନଷ୍ଟିଚ୍ୟୁଟ କଟକ ତରଫରୁ ଓଡ଼ିଶୀ ନୃତ୍ୟ ବର୍ଗରେ ଇଲେକ୍ଟ୍ରି ବିଭାଗରେ କାର୍ଯ୍ୟରତ ସୁଶାନ୍ତ କୁମାର ରାୟଙ୍କ ସୁପୁତ୍ରୀ ଲିପ୍ସା ରାୟ ଓଡ଼ିଶୀ ନୃତ୍ୟରେ ପ୍ରଥମ ସ୍ଥାନ ଓ ଇଂଜିନିୟରିଂ ଡିପାର୍ଟମେଣ୍ଟର କାର୍ଯ୍ୟ ବିଭାଗର କର୍ମଚାରୀ ସୁରେଶ କୁମାର ଦାସଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ହିନ୍ଦୀ ନାଟକ ମୃଗ କସ୍ତୁରୀ ପୁନଶ୍ଚ ପ୍ରଥମ ସ୍ଥାନ ହାସଲ କରି ସର୍ବ ଭାରତୀୟ ରେଳ ସାଂସ୍କୃତିକ ପ୍ରତିଯୋଗିତାରେ ୨୦୨୩ ଲାଗି ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତା ୧୮ ଅକ୍ଟୋବର ବୁଧବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ଖୋର୍ଦ୍ଧାରୋଡ଼,




ସମ୍ବଲପୁର, ୱାଲଟିୟର, ମଞ୍ଚେଶ୍ୱର ୱାର୍କସପ ଅଂଶ ଗ୍ରହଣ କରିଥିଲା। ପ୍ରତିଯୋଗିତାରେ ଇଷ୍ଟକୋଷ୍ଟ ରେଳବାଇ ଇନଷ୍ଟିଚ୍ୟୁଟ କଟକର ନାଟକ ଦଳ ଖୋର୍ଦ୍ଧାରୋଡ଼ ରେଳମଣ୍ଡଳକୁ ପ୍ରତିନିଧିତ୍ୱ କରି ଚମ୍ପିଆନ ହୋଇଥିବାବେଳେ ୱାଲଟିୟର ରେଳ ମଣ୍ଡଳ ରନର୍ସଅପ ଏବଂ ମଞ୍ଚେଶ୍ୱର ରେଳଡବା ମରାମତି କାରଖାନା ତୃତୀୟ ସ୍ଥାନ ଅଧିକାର କରିଛି। ଖୋର୍ଦ୍ଧାରୋଡର ଡିଆରଏମ ହରଭଜନ ସିଂ ବାଜବା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚମ୍ପିଆନ ଓ ରନର୍ସଅପ ଦଳକୁ ରନିଂ ଟ୍ରଫି ପ୍ରଦାନ କରିଥିଲେ। ତାଙ୍କ ସହ ସିନିୟର ଡ଼ିପିଓ ଶ୍ରୀ ଆର.ଏନ.ପରିଡ଼ା ମଧ ମଞ୍ଚରେ ଉପସ୍ଥିତ ଥିଲେ। ନାଟକ ଦଳର ଟିମ ମ୍ୟାନେଜର ସତ୍ୟ ରଞ୍ଜନ ସିଂଙ୍କୁ ମଧ ମଞ୍ଚରେ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏଥିରେ ରେଳବାଇ ଇନଷ୍ଟିଚ୍ୟୁଟ କଟକ ହିନ୍ଦୀ ଭାଷୀୟ ନାଟକ 'ମୃଗ କସ୍ତୁରୀ' ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲେ। ରେଳବାଇ ଇନଷ୍ଟିଚ୍ୟୁଟ କଟକର ଏହି ବଡ଼ ସଫଳତା ଲାଗି ସମସ୍ତ ପ୍ରତିଯୋଗୀ, ଅଭିଭାବକ ଓ ସଦସ୍ୟ ମାନଙ୍କର ସହଯୋଗ ଲାଗି କାର୍ଯ୍ୟ ନିର୍ବାହୀ ସଦସ୍ୟ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ଶାରଦୀୟ ବିଶେଷାଙ୍କ ବିଜୟିନୀ ଲୋକାର୍ପିତ

ବାରିପଦା, ୨୬/୧୦ (ନି.ପ୍ର): ପବିତ୍ର ବିଜୟା ଦଶମୀ ଶୁଭାବସର ଦଶହରା ଦିନ ବାରିପଦା ରୋଟାରୀ କ୍ଲବ ସଭାଗୃହରେ ଆୟୋଜିତ ଏକ ଭବ୍ୟ ସମାରୋହରେ ନାରୀ ଏବଂ ମାଆମାନଙ୍କ ସାରସ୍ୱତ ସୃଷ୍ଟି ସମୃଦ୍ଧ ଅନନ୍ୟା ମାତୃଶକ୍ତି ସମ୍ପନ୍ନା ଶାରଦୀୟ ବିଶେଷାଙ୍କ 'ବିଜୟିନୀ' ସାହିତ୍ୟ ପତ୍ରିକାର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛ । ଶ୍ରୀଯୁକ୍ତ ବିଶ୍ୱରୂପ ମହାରଣା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ପତ୍ରିକାର ମୁଖ୍ୟ ସମ୍ପାଦିକା ଶ୍ରୀମତୀ ବିଜୟଲକ୍ଷ୍ମୀ ମହାରଣା ପୌରୋହିତ୍ୟ କରିଥିବା ବେଳେ ଜିଲ୍ଲାର ବିଶିଷ୍ଟ ସାରସ୍ୱତ ସାଧକ, ପ୍ରତିଶ୍ରୁତି ପ୍ରତିଷ୍ଠାନର ସମ୍ପାଦକ ପଣ୍ଡିତ ଭାଗବତ ପଣ୍ଡା ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ବର୍ଦ୍ଧିତ ମୟୂରଭଞ୍ଜ ମାଟିର ପ୍ରବୀଣ ସାହିତ୍ୟିକ ଡ.ନୀଳକଣ୍ଠ ମିଶ୍ର ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ପତ୍ରିକା ଉନ୍ମୋଚନ ଓ ଲୋକାର୍ପଣ




ପୂର୍ବକ ନିଜନିଜ ବକ୍ତବ୍ୟରେ ପରିବାର ଓ ସମାଜ ଗଠନ ତଥା ରାଷ୍ଟ୍ର ନିର୍ମାଣରେ ମାଆମାନଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। ଓଡ଼ିଆ ଭାଷା ସାହିତ୍ୟର ସ୍ୱନାମଧନ୍ୟା କବି ଅଧ୍ୟାପିକା ମାଙ୍ଗଳିକା ମହାପାତ୍ର ଓ ବ୍ଲକ ଶିକ୍ଷା ଧିକାରୀ ସାହିତ୍ୟିକା ଶ୍ରୀମତୀ ତପସ୍ୱିନୀ ଦାଶ ସମାରୋହରେ ବିଶେଷ ନିମନ୍ତ୍ରିତ ଅତିଥି ଓ ସମ୍ମାନିତ ଅତିଥି ଭାବେ ବିଜୟିନୀ ପତ୍ରିକା ଓ ତାର ମୁଖ୍ୟ ସଂପାଦିକା ବିଜୟଲକ୍ଷ୍ମୀ ମହାରଣା ଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ସ୍ଥାନିତ ଉଚ୍ଚକୋଟିର ଉପାଦେୟ ଲେଖାଗୁଡିକ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ଭିତରେ ବିଶିଷ୍ଟ ସାରସ୍ୱତ ପ୍ରେମୀ ମାମିନା ପଣ୍ଡା, ପ୍ରଶାସନିକ ଅଧିକାରୀ, ଝାଡ଼ଖଣ୍ଡ, ସତସଙ୍ଗ ର ବରିଷ୍ଠ କର୍ମୀ ବେଣୁଧର ମହାରଣା ଓ ସାହିତ୍ୟ ସଂସଦ ର ସଭାପତି ପଦ୍ମନାଭ ସାହୁ ମଧ ଉପସ୍ଥିତ ରହି ପ୍ରେରଣା ପ୍ରଦାନ କରିଥିଲେ । ଉତ୍ସବରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ ସୁଶ୍ରୀ ଅଦିତି ସାହୁ, ଶୁଭ୍ରା ମହାନ୍ତି, ବିଜୟା ବୈଜୟନ୍ତୀ ବେହେରା, ରାଜେଶ୍ୱରୀ ଜେନା ଓ ଉଜ୍ଜ୍ୱଳା ନାୟକ। ବାଦ୍ୟଯନ୍ତ୍ର ରେ ଅଚିନ୍ତ ମହାପାତ୍ର ସହୋଜୋଗ କରିଥିଲେ ଓ ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ କବୟିତ୍ରୀ ଦୀପ୍ତି ମିଶ୍ର। ଧନ୍ୟବାଦ ଦେଇ ଥିଲେ ଅଧ୍ୟାପିକା ଗାୟତ୍ରୀ ନାୟକ।

## ବିଦାୟୀ ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬/୧୦ (ନି.ପ୍ର): ଓଡିଶାର ବିଦାୟୀ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଗୁରୁବାର ଦିନ ରାଜଭବନରେ ମୁଖ୍ୟମନ୍ତ୍ରୀ ଗଣେଶୀ ଲାଲ୍ ଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଆସନ୍ତାକାଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓଡିଶାରୁ ବିଦାୟ ନେବେ। ସେହିପରି ନୂଆ ରାଜ୍ୟପାଳ ରଘୁବର ଦାସ ଆସନ୍ତା ୩୧ ତାରିଖରେ ଶପଥ ନେବେ। ଏହା ପୂର୍ବରୁ ସେ ପୁରୀ ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ବଢ଼ିଲା ଓଡ଼ିଆ ଫିଲ୍ମ ...

ଓଡ଼ିଆ ଫିଲ୍ମକୁ ବଞ୍ଚାଇ ରଖିବା ପଛରେ ପ୍ରତି ଗାଁର ଅବଦାନ ରହିଛି। କୋଟି କୋଟି ଲୋକଙ୍କ ଅବଦାନ ଓ ତ୍ୟାଗ ରହିଛି। ମୁଁ ଆପଣଙ୍କଠାରୁ ବୟସ ଓ ଅଭିଜ୍ଞତାରୁ ସାନ। ସମ୍ବଲପୁରୀ ଭାଷା, ଗୀତ, କପଡ଼ା, ଲୋକ, କଳାକାର ଓ ମାଆ ସମଲେଇଙ୍କୁ ମୁଁ କେତେ ଯେ ମାନେ ଏବଂ ଭଲପାଏ ତାହା କହିବାର ଆବଶ୍ୟକତା ନାହିଁ ବୋଲି ଭାବୁଛି। ପ୍ଲିଜ୍ ମନୋଜ ଭାଇ ଆମ ଓଡ଼ିଶା ମାଟି ହେଉଛି ଆମ ମାଆ। ତାକୁ ଦୁଇ ଭାଗ କରନ୍ତୁ ନାହିଁ। ମୁଁ କଟକିଆ ହେଲେ ମଧ ସମ୍ବଲପୁର ପାଇଁ ଗର୍ବ ଅନୁଭବ କରେ। ହେଲେ ଆଜି ଆପଣ ଗୋଟିଏ ଓଡ଼ିଆ ଫିଲ୍ମକୁ ସମ୍ବଲପୁର ମାଟିଠାରୁ ଦୂରେଇ ରଖି ଯଦି ଭାବୁଥିବେ ବହୁତ ଗୋଟିଏ ବଡ଼କାମ କରିଦେଇଛନ୍ତି, ତାହାହେଲେ କ୍ଷମା କରିବେ, ଆପଣ ଭ୍ରମରେ ଅଛନ୍ତି। ଏଥିରେ କେହି ବଡ଼ ହୋଇନାହାନ୍ତି। ବରଂ ଆପଣ ଛୋଟ ହୋଇଯାଇଛନ୍ତି। ଦୟାକରି ମନୋଜ ଭାଇ ଆମ ଭଣତରେ ଫାଟ ସୃଷ୍ଟି କରନ୍ତୁନାହିଁ ବୋଲି ଅନୁଭବ କହିଛନ୍ତି। ଅନୁଭବ ଆହୁରି କହିଛନ୍ତି, ଜିତୁ ମଙ୍ଗରାଜ ଭାଇ ଓ ଆପଣଙ୍କ ଭିତରେ ଯାହା ସବୁ ଚାଲିଛି, ମୁଁ ସେ ବିଷୟରେ କିଛି କିଛି ଜାଣିଛି। ଜିତୁଙ୍କ କଥାକୁ ଜାଣିଶୁଣି ବାଟବଣା ନକରିଥିଲେ, ତାର ଭୁଲ ଅର୍ଥ ନବାହାର କରିଥିଲେ ବୋଧହୁଏ ଭଲ ହୋଇଥାଆନ୍ତା। ଆଜି ଦେଖିଲି ଆପଣ ଅତି ଚାଲାକିରେ ଅରିନ୍ଦମ, ବାବୁଶାନ୍ ଓ ମୋ ଭିତରେ ଫାଟ ସୃଷ୍ଟି କରିବା ପାଇଁ ପ୍ରୟାସ କରିଛନ୍ତି। ଆପଣଙ୍କୁ ଏ ସବୁ ଶୋଭା ଦେଉନି ମନୋଜ ଭାଇ। ଆପଣ ଭୁଲି ଯାଉଛନ୍ତି ଆପଣ ଜଣେ ଏନ୍ଏସ୍‌ଡିଆନ୍। ସେଥିପାଇଁ ଆମେ ଗର୍ବିତ। ଏମିତି କେତେ କଥା ଭିଡିଓ ଅନୁଭବନ କହିଛନ୍ତି। ଅନୁଭବଙ୍କ ଭିଡିଓର ଜବାବ ଦେଇଛନ୍ତି ମନୋଜ ମିଶ୍ର। ସେ ହାତଯୋଡ଼ି ଅନୁଭବଙ୍କୁ କହିଛନ୍ତି, ଚାଲ ମିଶିକି ଫିଲ୍ମ କରିବା। ଓଡ଼ିଆ ସିନେମାକୁ ସାରା ପୃଥିବୀରେ ପଞ୍ଚାଇବା।

### ଭୀମ ଭୂଷଣ ...

ପଟ୍ଟଚିତ୍ରର ଅଦ୍ୱିତୀୟ ଗୁରୁ ବେଣୁଧର ମହାପାତ୍ର, ପ୍ରସିଦ୍ଧ ବଂଶୀବାଦକ ଗୁରୁ ମୋହିନୀ ମୋହନ ପଟ୍ଟନାୟକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ବିଶିଷ୍ଟ ମରାଠୀ ଲେଖକ ଡକ୍ଟର ଜ୍ଞାନେଶ୍ୱର ମୁଲେ। ଇମ୍ପା ଚାରିଟେବଲ ଟ୍ରଷ୍ଟ ବା 'ଇମ୍ପାକ୍ଟ' ପକ୍ଷରୁ ୪୪ ବର୍ଷ ହେଲା ଏହି ସମ୍ମାନଜନକ ଶାରଳାପୁରସ୍କାର ପ୍ରଦାନ କରାଯାଇ ଆସୁଛି।

### ୩୧ରେ ରାଜ୍ୟପାଳ ...

ସେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କ ସ୍ଥାନରେ କାର୍ଯ୍ୟ କରିବେ। ଗଣେଶୀଲାଲ ଆସନ୍ତାକାଲି ଶୁକ୍ରବାର ଓଡ଼ିଶା ଛାଡ଼ିବେ । ପ୍ରଫେସର ଗଣେଶୀଲାଲଙ୍କ କାର୍ଯ୍ୟକାଳ ୨୦୨୩ ମେ' ମାସରୁ ଶେଷ ହୋଇଥିଲେ ମଧ ସେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଉଥିଲେ । ପ୍ରଫେସର ଗଣେଶୀଲାଲ ପ୍ରାୟ ୫ବର୍ଷ ୫ମାସ ଧରି ରାଜ୍ୟପାଳ ଦାୟିତ୍ୱ ତୁଲାଇଥିଲେ । ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜଭବନ ଯାଇ ବିଦାୟୀ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ତାଙ୍କର କାର୍ଯ୍ୟକାଳକୁ ପ୍ରଶଂସା କରିବା ସହ ତାଙ୍କୁ ଧନ୍ୟବାଦ ଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ରଘୁବର ଦାସ ଝାଡ଼ଖଣ୍ଡର ପ୍ରଥମ ଅଣଆଦିବାସୀ ମୁଖ୍ୟମନ୍ତ୍ରୀ ଭାବେ ୫ବର୍ଷ ଦାୟିତ୍ୱ ତୁଲାଇଥିଲେ ।

### ବୁଧବାର ସକାଳଠୁ ...

ଘର ନିର୍ମାଣ କରୁଛି ବଡୁ ନିଯୋଗ। ହେଲେ ବେବନ୍ଦୋବସ୍ତ ଜମିକୁ ବଡୁ ନିଯୋଗ ଏମିତି ବେଆଇନ ଭାବେ ଅକ୍ତିୟାର କରି ନିର୍ମାଣ କରିପାରିବନି ବୋଲି କହି ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରାଯିବାକୁ ବ୍ରାହ୍ମଣ ନିଯୋଗ ଓ ପୂଜାପଣ୍ଡା ନିଯୋଗ ଦାବି କରି ଆସୁଛନ୍ତି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିବା ଦର୍ଶାଇ ବଡୁ ନିଯୋଗ ନିର୍ମାଣ କାର୍ଯ୍ୟ ଜାରି ରଖିବାରୁ କାଲିଠୁ ନୀତିକାନ୍ତି ବନ୍ଦ କରିଦେଇଛନ୍ତି ବ୍ରାହ୍ମଣ ଓ ପୂଜାପଣ୍ଡା ନିଯୋଗ। ବିବାଦର ସମାଧାନ ପାଇ ଆଜି ତିନି ନିଯୋଗଙ୍କ ସହ ଦେବୋତ୍ତର ବିଭାଗର ଆସିଷ୍ଟାଣ୍ଟ କମିଶନର ପୃଥକ ପୃଥକ ଆଲୋଚନା କରିଥିଲେ ମଧ ପରସ୍ପର ଜିଦରେ ଅଟଳ ଅଛନ୍ତି ସେବାୟତ। ଠାକୁରଙ୍କ ଜମିର ସୁରକ୍ଷା ପାଇଁ ଖୋଦ୍ ଠାକୁରଙ୍କୁ ଉପାସରେ ରଖାଯିବା କେତେଦୂର ଠିକ ତାକୁ ନେଇ ପ୍ରଶ୍ନ ଉଠିଛି।

### ମୋବାଇଲ ନାହିଁ, ମିଳିଲା...

ଆଉ ଘଟଣାର ଗୁରୁତ୍ୱକୁ ବୁଝି ଭଦ୍ରକ ବିଧାୟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଘଟଣାସ୍ଥଳକୁ ଆସିବା ପାଇଁ କହିଥିଲେ । ଜିଲ୍ଲା ଚିକିତ୍ସାଧିକାରୀ ମଧ ତତକ୍ଷଣାତ ଘଟଣାସ୍ଥଳରେ ପହଞ୍ଚି ଥିଲେ ଓ ସମ୍ପୃକ୍ତ ବାପ ଝିଅଙ୍କ ଠାରୁ ସମସ୍ତ ତଥ୍ୟ ଗ୍ରହଣ କରିବା ପରେ ପୁନଃ ଭଦ୍ରକ ସହର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆମ୍ବୁଲାନ୍ସ ଯୋଗେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଅଧିକ ଚିକିତ୍ସା କରାଇବା ନିମନ୍ତେ ବିଧାୟକଙ୍କୁ ଜଣାଇଥିଲେ । ବାପ ଝିଅଙ୍କୁ ଆଶ୍ୱାସନା ଦେବା ସହ ଘଟଣାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ । ତେବେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ମଧ ନିଜ ଅଂଚଳକୁ ଯାଉଥିବା ବେଳେ ହାବୁଡ଼ିଥିଲେ ଏହି ବାପ ଝିଅଙ୍କୁ।

### ବସ୍ ମାଲିକ ....

ଆସନ୍ତା ୩୧ ତାରିଖରୁ ବସ୍ ଚାଲିବା ବୋଲି ମନ୍ତ୍ରୀ କହିଛନ୍ତି । ସେପଟେ ସରକାରଙ୍କ ଲକ୍ଷ୍ମୀ ବସ୍ ଚଳାଚଳକୁ ବାଲେଶ୍ୱର ଘରୋଇ ବସ୍ ମାଲିକ ସଂଘ ସମର୍ଥନ କରିଛି । ରାଜ୍ୟ ବସ୍ ମାଲିକ ସଂଘ ଦ୍ୱାରା ନିଆଯାଇଥିବା ବସ୍ ଚଳାଚଳ ବନ୍ଦ ନିଷ୍ପତ୍ତିକୁ ବିରୋଧ କରାଯାଇଛି । ଯଦି ରାଜ୍ୟ ସଂଘ ଓ ସରକାରଙ୍କ ମଧ୍ୟରେ ଆଲୋଚନା କରାଯାଇ ନୀତିଗତ ତଥା ଉଚିତ ନିଷ୍ପତ୍ତି ନିଆଗଲେ ଆମେ ସ୍ୱାଗତ କରିବୁ ବୋଲି ବାଲେଶ୍ୱର ଘରୋଇ ବସ୍ ମାଲିକ ସଂଘ ସଭାପତି ବାଦଲ ଦାସ କହିଛନ୍ତି । ଲୋକଙ୍କ ସ୍ୱାର୍ଥ ପାଇଁ ହେଉଥିବା ଯୋଜନାକୁ ରାଜ୍ୟ ସଂଘ ବିରୋଧ କଲେ ଆମେ ସମର୍ଥନ ଦେବୁ ନାହିଁ । ଲକ୍ଷ୍ମୀ ଯୋଜନାରେ ସରକାର ବ୍ଲକ୍‌ରୁ ପଞ୍ଚାୟତକୁ ରିହାତି ଦରରେ ବସ୍ ଚଳାଚଳ ପାଇଁ ଯେଉଁ ନିଷ୍ପତ୍ତି ହୋଇଛି, ଏହାଦ୍ୱାରା ଘରୋଇ ବସ୍‌ଗୁଡ଼ିକର ବ୍ୟବସାୟ ପ୍ରଭାବିତ ହେବ ନାହିଁ । ସେପଟେ ବୈଠକରେ ବାଲେଶ୍ୱର ଘରୋଇ ବସ୍ ମାଲିକ ସଂଘ ଉପସ୍ଥିତିକୁ ବିରୋଧ କଲା ରାଜ୍ୟ ଘରୋଇ ବସ୍ ମାଲିକ ସଂଘ । ଆଲୋଚନା ପାଇଁ ବାଲେଶ୍ୱର ଘରୋଇ ବସ୍ ମାଲିକ ସଂଘକୁ ମଧ ଡାକିଥିଲେ ସରକାର । ତେବେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ବିରୋଧ କରିବାରୁ ବାଲେଶ୍ୱର ସଂଘ ନିଜ ନିଷ୍ପତ୍ତିକୁ ସରକାରଙ୍କ ସାମ୍ନାରେ ଉପସ୍ଥାପନା କରି ଫେରି ଆସିବା ପରେ ଏହି ପ୍ରତିକ୍ରିୟା ଦେଇଛି ।

# ଗୁରୁଗ୍ରାମଠାରେ ଦୁର୍ଗାପୂଜା ଆୟୋଜିତ

ନୂଆଦିଲ୍ଲୀ , ୨୬/୧୦ (ନି.ପ୍ର): ଜାତୀୟ ରାଜଧାନୀ କ୍ଷେତ୍ରରେ ବସବାସ କରୁଥିବା ଓଡ଼ିଆ ମାନେ ବିଭିନ୍ନ ସ୍ଥାନରେ ଚଳିତ ବର୍ଷ ଦୁର୍ଗା ପୂଜା ଆୟୋଜନ କରିଥିବା ଜଣାଯାଇଛି। ଦିଲ୍ଲୀର ଉପକଣ୍ଠବର୍ତ୍ତୀ ଗୁରୁଗ୍ରାମର ଚାରିନମ୍ବର ସେକଟର ସ୍ଥିତ କମ୍ୟୁନିଟି ସେଣ୍ଟର ଠାରେ ମା ଦୁର୍ଗତି ନାଶିନୀ ଙ୍କର ଚତୁର୍ଦ୍ଦଶତମ ପୂଜାର୍ଚ୍ଚନା ମହା ସମାରୋହ ରେ ପାଳିତ ହୋଇଯାଇଛି। ଏଠାରେ ପନ୍ଦର ଫୁଟ ଉଚ୍ଚତା ବିଶିଷ୍ଟ ମା ସିଂହ ବାହିନୀଙ୍କର ମୃଣ୍ମୟୀ ମୂର୍ତ୍ତି ଏକ ସୁସଜ୍ଜିତ ମେଢ଼ରେ ଶୋଭା ପାଉଥିବାର ଦୃଶ୍ୟ ଅନନ୍ୟ ଓ ଅନୁପମ ଥିଲା। ପୂଜାରୀ ରୁଦ୍ର ନାରାୟଣ ପଣ୍ଡା ଏବଂ କୃଷ୍ଣଚନ୍ଦ୍ର ପଣ୍ଡାଙ୍କର ତତ୍ତ୍ୱାବଧାନରେ ପୂଜାପାଠ, ହୋମଯଜ୍ଞ ଏବଂ ଭୋଗରାଗ ଆଦି ମାଙ୍ଗଳିକ କାର୍ଯ୍ୟ ଯଥାବିଧି ଅନୁଷ୍ଠିତ ହୋଇଥିଲା ।ପବିତ୍ର ଷଷ୍ଠୀ ତିଥି ଠାରୁ ବେଲବରଣ ଓ ଘଟସ୍ଥାପନ ଆଦି ନୀତିକାନ୍ତି ଆରମ୍ଭ କରାଯାଇ ବିଜୟା ଦଶମୀରେ ମା'ଙ୍କର ମୂର୍ତ୍ତି ବିସର୍ଜନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ପୂଜା କମିଟି ର ସକ୍ରୀୟ ତଦାରଖ ରେ ସଫଳତାର ସହିତ ସମ୍ପନ୍ନ କରାଯାଇଛି। ଦୀର୍ଘ ଚଉଦ ବର୍ଷ ଧରି କଳିଙ୍ଗ କଲଚରାଲ ଏଣ୍ଡ



ୱେଲଫେୟାର ଆସୋସିଏସନ(କେ.ସି.ଡ଼ବ୍ଲୁ.ଏ) ଦ୍ୱାରା ଆୟୋଜନ କରାଯାଉଥିବା ଏହି ଶାରଦୀୟ ମହୋତ୍ସବ ରେ ସହସ୍ରାଧିକ ଓଡ଼ିଆ ଓ ଅଣଓଡ଼ିଆ ଶ୍ରଦ୍ଧାଳୁ ସେମାନଙ୍କର ପରିବାର ବର୍ଗଙ୍କ ସହିତ ଯୋଗ ଦେଇ ମା' ମହିଷାସୁର ମର୍ଦ୍ଦିନୀଙ୍କର ଦିବ୍ୟ ଦର୍ଶନ ପାଇ ଭବ୍ୟ ଆଶିଷ ଲାଭ କରି ନିଜକୁ କୃତ୍ୟ କୃତ୍ୟ ମନେ କରୁଥିବା ପରିଲକ୍ଷିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ପ୍ରସିଦ୍ଧ ଗାୟିକା ଦୀପ୍ତି ପାଢ଼ୀ ଙ୍କର ହୃଦୟ ସ୍ପର୍ଶୀ ସଙ୍ଗୀତ ପରିବେଷଣ ମୁଖ୍ୟ ଆକର୍ଷଣ ଥିଲା।ସନ୍ଧ୍ୟାରେ ସମ୍ମାନୀତ ଅତିଥି ଭାବରେ ବିଶିଷ୍ଟ ଚିତ୍ରତାରକା ତଥା ସାଂସଦ ପ୍ରଶାନ୍ତ ନନ୍ଦ ଏବଂ ଦିଲ୍ଲୀ ହାଉଜଖାସ ଜଗନ୍ନାଥ ମନ୍ଦିର ପରିଚାଳନା କରୁଥିବା ଶ୍ରୀ ନୀଳାଚଳ ସେବା ସଂଘ ର ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ଉପସ୍ଥିତ ଥିଲେ। ଉଭୟ ଶ୍ରୀ ନନ୍ଦ ଓ ଶ୍ରୀ ପ୍ରଧାନ ଗୁରୁଗ୍ରାମ ଠାରେ ଓଡ଼ିଶାର ଉନ୍ନତ କଳା, ଉତ୍କୃଷ୍ଟ ସଂସ୍କୃତି ଏବଂ ଉତ୍ତୁଙ୍ଗ ଐତିହ୍ୟର ପ୍ରଚାର ଓ ପ୍ରସାର କରିବା ନେଇ ଆୟୋଜକ ମାନଙ୍କ ର ଉଲେଖ୍ୟନୀୟ ଯୋଗଦାନକୁ ଭୂୟସୀ ପ୍ରଶଂସା କରିଥିଲେ ଓ ସେମାନଙ୍କୁ ସାଧୁବାଦ ଜଣାଇଥିଲେ। ଉତ୍ସବକୁ ସୁଚାରୁରୂପେ ଆୟୋଜନ ଏବଂ ସଫଳତାର ସହିତ ସମାପନ କରିବାରେ ପୂଜା କମିଟି ର ସଭାପତି ଗୋବିନ୍ଦ ଚନ୍ଦ୍ର ବେହେରା, ଉପସଭାପତି ଶେଷଦେବ ସାହୁ,ସମ୍ପାଦକ ରଞ୍ଜନ ସାହୁ, ମିଡ଼ିଆ ପ୍ରଭାରୀ ପ୍ରଦ୍ୟୁମ୍ନ ରଥ, କୋଷାଧ୍ୟକ୍ଷ ବିନାୟକ ନାୟକ, ସଂଗଠନ ସଚୀବ କୃଷ୍ଣ ସ୍ୱାଇଁ, ବରିଷ୍ଠ ସଦସ୍ୟ ମାନସ ସାହୁ, ସତ୍ୟ ବ୍ରତ ନାୟକ, ଅଶୋକ ସାହୁ ଓ ମଳୟ ରଞ୍ଜନ ପ୍ରମୁଖ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। କମିଟିର ଉପଦେଷ୍ଟା ଆଇନଜୀବୀ ମୋନାଲିଶା ମହାପାତ୍ର ଏବଂ ହରେକୃଷ୍ଣ ମହାନ୍ତି ମହୋତ୍ସବ ର ପ୍ରମୁଖ୍ୟ ଦିଗଦର୍ଶକ ଥିଲେ। ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଅଶୋକ ପ୍ରଧାନ ଓ ରମେଶ ସାହୁ ସାମିଲ ଥିଲେ।

# ନାଇକୁଡ଼ିରେ ସାର୍ବଜନୀନ ରାବଣ ପୋଡ଼ି ମହୋତ୍ସବ



ବସ୍ତା, ୨୬/୧୦ (ନି.ପ୍ର): ବିଜୟା ଦଶମୀର ଶୁଭ ଅବସରରେ ମଙ୍ଗଳବାର ବସ୍ତା ବ୍ଲକ୍ ନାଇକୁଡ଼ି ପଞ୍ଚାୟତରେ ସାର୍ବଜନୀନ ରାବଣ ପୋଡ଼ି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ବଂଶୀଧର ମହାନ୍ତିଙ୍କ ସଭାପତିତ୍ୱରେ ଉତ୍ସବରେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରି, ସଭିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଆମ ମାନଙ୍କ ମଧ୍ୟରେ ଥିବା ହିଂସା, ଦ୍ୱେଷ ଓ ଅହଂକାର ସ୍ୱରୂପ ରାବଣକୁ ଜାଳି ସ୍ନେହ, ପ୍ରୀତି, ମୈତ୍ରୀ ରେ ପରସ୍ପର ସହ ବାନ୍ଧି ହେବା ପାଇଁ ସଭିଙ୍କୁ ମୁଖ୍ୟ ଅତିଥି ଶ୍ରୀମତୀ ଜେନା ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାଇକୁଡ଼ି ପଞ୍ଚାୟତ ସଭାପତି ବେଣୁଧର ମହାନ୍ତି, ସରପଞ୍ଚଙ୍କ ପ୍ରତିନିଧି ଭାଗବତ ମହାନ୍ତି, ବସ୍ତା ବ୍ଲକ୍ ଜୀବନ ବିନ୍ଦୁ ସଂଯୋଜକ ରଂଜନ କୁମାର ଧଳ, ଯୁବ ନେତା ଭୋପାଲ ଦାସ,ସରୋଜ କୁମାର ନନ୍ଦ,ରଘୁନାଥ ଭଞ୍ଜ,ରାଜକିଶୋର ପଟ୍ଟନାୟକ,ବାବୁଲାଲ ଭଞ୍ଜ ଏବଂ ୱାର୍ଡ଼ ସଦସ୍ୟଙ୍କ ସମେତ ଶିକ୍ଷାବିତ୍, ଆୟୋଜକ କମିଟିର ସଦସ୍ୟ ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନମ୍ବର: ଇ-ଟେଣ୍ଡର / ୨୦୨୩/୪୭ ତାରିଖ ୨୫.୧୦.୨୦୨୩ ଡିଭିଜନାଲ ରେଲୱେ ମ୍ୟାନେଜର (ଇଂ. ଆଇଟମଗୁଡିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ । ସିରିଏଲ ନଂ. ଟେଣ୍ଡର ନମ୍ବର, କାର୍ଯ୍ୟଗୁଡ଼ିକର ବର୍ଣ୍ଣନା: (୧) ଇ-କେଜିପି ପଶ୍ଚିମ -୩୦-୨୦୨୩, ADEN / ପଶ୍ଚିମ / କେଜିପି (ଦ୍ୱିତୀୟ କଲ) ଅଧୀନରେ ବ୍ରିଜ୍ ନଂ ୩୪, ୧୨୨ ଏବଂ ୧୩୦ (ସମସ୍ତ ୩ ନଂ। ORN-3) ର ଶକ୍ତିଶାଳୀ / ପୁନର୍ବାସ । (୨)ଇ-କେଜିପି-ପଶ୍ଚିମ -୩୧-୨୦୨୩ DEN / ପଶ୍ଚିମ / କଏଚ ଅଧୀନରେ ଖଡ଼ଗପୁର-ଟାଟାନଗର ବିଭାଗରେ ରେଳ ନବୀକରଣ (ପ୍ରାଥମିକ) ମାଧ୍ୟମରେ 35.270 TKM ମାଧମରେ । ଟେଣ୍ଡର ମୂଲ୍ୟ: ୬,୨୦,୩୫,୯୧୪.୩୭ (ସିରିଏଲ ନମ୍ବର ୧ ପାଇଁ) ଏବଂ ୩,୫୩,୮୩,୫୩୦.୬୧ (ସିରିଏଲ ନମ୍ବର ୨ ପାଇଁ) । ସର୍ବଶ୍ରେଷ୍ଠ ଟଙ୍କା: ୫ ୪,୬୦,୨୦୦/-(ସ୍ଲା ନମ୍ବର ୧ ପାଇଁ) ଏବଂ ୩,୨୬,୯୦୦ / - (ସିରିଏଲ ନମ୍ବର ୨ ପାଇଁ) । ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: ପ୍ରତ୍ୟେକ ପାଇଁ ନିଲ୍ । ଖୋଲିବାର ତାରିଖ: ୦୯.୧୧.୨୦୨୩ (ସିରିଏଲ ନମ୍ବର ୧ ପାଇଁ) ଏବଂ ୧୪.୧୧.୨୦୨୩ (ସିରିଏଲ ନମ୍ବର ୨ ପାଇଁ) । କାର୍ଯ୍ୟର ସମାପ୍ତି ଅବଧି: ପ୍ରତ୍ୟେକ ପାଇଁ ୧୨ ମାସ । ବିଡିଂ ଆରମ୍ଭ ତାରିଖ: ୨୬.୧୦.୨୦୨୩ ରୁ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୦୯.୧୧.୨୦୨୩ ରେ (ସିରିଏଲ ନମ୍ବର ୧ ପାଇଁ) ଏବଂ ୩୧.୧୦.୨୦୨୩ ରୁ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୧୪.୧୧.୨୦୨୩ ରେ (ସିରିଏଲ ନମ୍ବର ୨ ପାଇଁ) ଆଗ୍ରହୀ ଟେଣ୍ଡରଗୁଡିକ ଟେଣ୍ଡର ଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା ପାଇଁ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ଏବଂ ଅନଲାଇନ୍ରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । N.B: ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାୟୀମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ।

(PR-749)


# ରାଜ୍ୟପାଳଙ୍କୁ ରାଜ ଭବନରେ ବିଦାୟ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୬/୧୦ (ନି.ପ୍ର): ଓଡ଼ିଶାର ସେବା କରିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି। ଓଡ଼ିଶା ମୋର ଚିନ୍ତା ଓ ଚେତନାକୁ ଉତରିତ କରିଛି । ଓଡ଼ିଶା ମୋତେ ବହୁତ ଶିଖାଇଛି। ଓଡ଼ିଆମାନଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ସମ୍ମାନକୁ କେବେବି ଭୁଲିପାରିବି ନାହିଁ। ଏ ମାଟିର ବିଶେଷ ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ରହିଛି। ଓଡ଼ିଶା ଭୂଗୋଳ ନୁହେଁ, ଏକ ମହାଭାବ, ଯାହାର ଭିତି ଓ ଆଧାର ହେଉଛି ବିଶ୍ୱଜନପ୍ରୀତି। ଆଗାମୀ ଦିନରେ ଓଡ଼ିଶା ସମଗ୍ର ପୃଥିବୀକୁ ମାର୍ଗ ଦର୍ଶନ କରାଇବ ବୋଲି ପ୍ରଫେସର ଗଣେଶୀ ଲାଲ୍ ପ୍ରକାଶ କରିଛନ୍ତି। ଗୁରୁବାର ରାଜଭବନରେ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟପାଳ ପ୍ରଫେସର ଲାଲ୍ କହିଲେ ଯେ, ଓଡ଼ିଶା ହେଉଛି ଏକ ପୁଣ୍ୟଭୂମି । ଏ ମାଟିରେ ଯେ ପାଦ ଥାପିବ, ତା'ର ସ୍ୱାଭାବିକ ଉତରଣ ଘଟିବ। ମୋ ଚେତନାର ଅନନ୍ୟ ଉର୍ଦ୍ଧ୍ୱଉଡ଼ାଣ ଘଟିଛି ଏଇ ଭୂମିରେ।

# ସିପିଆଇ (ଏମ)ଆଞ୍ଚଳିକ କମିଟିର ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ନୀଳଗିରି , ୨୬/୧୦ (ନି.ପ୍ର): ସିପିଆଇ (ଏମ) ନୀଳଗିରି ଆଞ୍ଚଳିକ କମିଟି ପକ୍ଷରୁ ବାଲେଶ୍ୱର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନୀଳଗିରି ଉପଜିଲ୍ଲାପାଳଙ୍କୁ ଭେଟି ୨ଦଫା ସମ୍ବଳିତ ଦାବୀପତ୍ର ପ୍ରଦାନ କରିଛନ୍ତି। ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟିପାତ କାରଣରୁ ନୀଳଗିରି ଉପଖଣ୍ଡର ସମସ୍ତ ଚାଷଜମି ମରୁଡି ଅବସ୍ଥାକୁ ଆସିଯାଇଥିବା ବେଳେ ଉକ୍ତ ଚାଷଜମିକୁ ବଞ୍ଚାଇବା ପାଇଁ ହେଲେ ବନ୍ଦ ପଡ଼ିଥିବା ଉଠାଜଳସେଚନ ପଏଣ୍ଟ ଗୁଡିକ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ସହିତ ଡ୍ୟାମ ପାଣିକୁ କେନାଲ ମାଧ୍ୟମରେ ଚାଷଜମିକୁ ଯୋଗାଇଦେବା, ଚକଡ଼ା ପୋକ ଦ୍ୱାରା ଆକ୍ରାନ୍ତ ଫସଲକୁ ଅଗ୍ରାଧିକାର ଭିତ୍ତିରେ ତଦନ୍ତ କରି ଚାଷଜମିର କ୍ଷୟକ୍ଷତିକୁ ଆକଳନ କରି ତୁରନ୍ତ ନୀଳଗିରି ଉପଖଣ୍ଡକୁ ମରୁଡି ଘୋଷଣା କରିବା ସହିତ ସମସ୍ତ କୃଷିଋଣ ଛାଡ଼ କରିବା ନେଇ ଦଳ ତରଫରୁ ଉପଜିଲ୍ଲାପାଳଙ୍କ ଠାରେ ଦାବୀପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପ୍ରତିନିଧି ଦଳରେ ଆଞ୍ଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଯୋଗାନନ୍ଦ ଦାସ, ନାରାୟଣ ଧାମୁଡିଆ, ରାମଚନ୍ଦ୍ର ସିଂ, ସାନ ଶ୍ୟାମ ସିଂ ପ୍ରମୁଖେ ଦାବୀପତ୍ର ପ୍ରଦାନ କରିଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେଲେ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଧ୍ୱନି ପ୍ରତିଧ୍ୱନି



ଭୁବନେଶ୍ୱର: ମା' ନାରାୟଣୀ ବୁକ୍ ଷ୍ଟଲରେ ଅତିଥିମାନଙ୍କ ଦ୍ୱାରା 'ସାଗରିକା' ପୂଜା ସଂଖ୍ୟା ଉନ୍ମୋଚିତ।

# ସ୍ମରଣିକା ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୨୬/୧୦ (ନି.ପ୍ର): ବରାପୁର ସାର୍ବଜନୀନ ଦୁର୍ଗାପୂଜା କମିଟିର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀରେ ମହାସମାରୋହରେ ସ୍ମରଣିକା ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପୌରହିତ୍ୟ କରିଥିଲେ ସଭାପତି ଜଗବନ୍ଧୁ ପାଣିଗ୍ରାହୀ। ପ୍ରାରମ୍ଭିକ ସଂଗୀତ ଗାନ ପରେ ସଂଯୋଜକ ଅମୀୟ କୁମାର ପାଣିଗ୍ରାହୀ ଅତିଥି ମାନଙ୍କୁ ମଞ୍ଚ ଆବାହନ ଓ ପରିଚୟ ପ୍ରଦାନ କରିଥିଲେ। କମିଟିର ଉପସଭାପତି ମୁକ୍ତି କାନ୍ତ ଅଗସ୍ତି ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ବରାପୁର ର ସାଂସ୍କୃତିକ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ପରେ ପରେ ସ୍ମରଣିକା 'ଦୁର୍ଗତି ନାଶିନୀ' ଓ ଆତ୍ମଜୀବନୀ ଗ୍ରନ୍ଥ 'ଜନ୍ମ ମାଟି କର୍ମମାଟି' ମୁଖ୍ୟ ଅତିଥି ଡକ୍ଟର ବିଜୟଲକ୍ଷ୍ମୀ ପଟ୍ଟନାୟକ ଉନ୍ମୋଚନ କରିଥିଲେ। ତାଙ୍କୁ ସହାୟତା ପ୍ରଦାନ କରିଥିଲେ ମୁଖ୍ୟ ବକ୍ତା ଶ୍ରୀଯୁକ୍ତ କାଳିପଦ ପଣ୍ଡା। ଏହାପରେ ଡକ୍ଟର ଶିଶିର କୁମାର କର ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ ନିଜର ଆତ୍ମଜୀବନୀ ଗ୍ରନ୍ଥ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଶ୍ରୀଯୁକ୍ତ କାଳିପଦ ପଣ୍ଡା ମାତୃଶକ୍ତି ର ମହିମା ଉପରେ ଆଲୋକପାତ କରିବା ସହିତ କମିଟିର ପଦକ୍ଷେପ କୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଡକ୍ଟର ବିଜୟଲକ୍ଷ୍ମୀ ପଟ୍ଟନାୟକ ବରାପୁର କୁ ଶିକ୍ଷାଭୂମି, ପ୍ରେମଭୂମି ଭାବରେ ସମ୍ବୋଧନ କରି ଅତୀତକୁ ସ୍ମରଣ କରିଥିଲେ। ସଭାରେ ବରିଷ୍ଠ ଅନୁଷ୍ଠାନ ପ୍ରେମୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତତ୍ ସହିତ ବିଭିନ୍ନ ବିଭାଗ ରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ସଭା ଶେଷରେ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ଯାଦୁକରୀ ଖେଳ ସହିତ ପିଲାମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ, ଗୀତ କାର୍ଯ୍ୟକ୍ରମ କରାଯାଇଥିଲା।

# ନିରପେକ୍ଷ ସାମ୍ବାଦିକ ନହେବା ବିଡମ୍ବନା

ବାଲିଆପାଳ, ୨୬/୧୦ (ନି.ପ୍ର): ସାମ୍ପ୍ରତିକ ସମୟରେ ଖବରକାଗଜ କର୍ପୋରେଟ ସଂସ୍ଥା ଦ୍ୱାରା ପରିଚାଳିତ । ଖବର କାଗଜ ମାଲିକ ମାନେ ପ୍ରତ୍ୟକ୍ଷ ରାଜନୀତି ସହିତ ଜଡ଼ିତ ରହୁଥିବାରୁ ଖବର ପ୍ରକାଶ ଓ ପ୍ରସରଣରେ ନିରପେକ୍ଷତା ରହୁ ନାହିଁ। ଖବରକାଗଜର ଉତ୍ତର ଦାୟିତ୍ୱ କ୍ଷତିଗ୍ରସ୍ତ ହେଉଛି। ସାମ୍ବାଦିକମାନେ ପ୍ରଲୋଭନର ବଶବର୍ତ୍ତୀ ହୋଇ ନିରପେକ୍ଷ ରହୁ ନାହାଁନ୍ତି -ଏହାହିଁ ସବୁଠୁ ବଳି ବଡ଼ ବିଡମ୍ବନା ବୋଲି ମଙ୍ଗଳବାର ବ୍ଲକ ଛକ ନିକଟ ଏସ୍ କେ ଜି ସାରସ୍ୱତ ଟ୍ରଷ୍ଟ ଓ ପାଠାଗାରର ଶାରଦୀୟ ବନ୍ଧୁ ମିଳନ ଓ ସୁବର୍ଣ୍ଣରେଖା ପ୍ରେସ କ୍ଲବର ସାମ୍ବାଦିକ କାର୍ଯ୍ୟାଳୟର ଶୁଭ ଉଦଘାଟନ ଉତ୍ସବରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତ ବ୍ୟକ୍ତ କରିଛନ୍ତି।




ଟ୍ରଷ୍ଟର ସଭାପତି ଅଧ୍ୟାପକ ଡ଼ଃ ସୁକାନ୍ତ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ସଭାପତି ନାରାୟଣ ପ୍ରସାଦ ସାହୁ ଉଦଘାଟକ, ରେବତୀ ପତ୍ରିକାର ସଂପାଦିକା ତଥା ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ମୁଖ୍ୟ ଅତିଥି, ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡା ମୁଖ୍ୟବକ୍ତା, ବରେଣ୍ୟ ଅତିଥି ଭାବରେ ଅପରାହ୍ନ ସମ୍ପାଦକ ବଂଶିଧର ଜେନା, ଅଭିନନ୍ଦନ ସମ୍ପାଦକ ଜଗଦୀଶ ମିଶ୍ର, ପୂର୍ବତନ ଡିଆଇ ସୁବାସ ଚୌଧୁରୀ, କଥାକାର ନିବାରଣ ଜେନା, ଫକୀର ମୋହନ ସାହିତ୍ୟ ପରିଷଦ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ, ସମାଜ ସେବୀ ସୌମ୍ୟଦୀପ ଚକ୍ରବର୍ତ୍ତୀ, ସତ୍ୟକାମ ମହାନ୍ତି , ଜଗବନ୍ଧୁ ଜେନା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ କଟୁଆପଡା ଶିବ ମନ୍ଦିର ସାମ୍ନା ସୁବର୍ଣ୍ଣରେଖା ପ୍ରେସ କ୍ଲବର ସାମ୍ବାଦିକ କାର୍ଯ୍ୟାଳୟକୁ ଶୁଭ ଉଦ୍‌ଘାଟନ କରିଥିଲେ। ସନ୍ୟାସୀ ବେହେରା ବେଦ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ରବି ରଞ୍ଜନ ତ୍ରିପାଠୀ , ଗୋପାଳ କୃଷ୍ଣ ବିଶ୍ୱାଳ , ଅଶୋକ କୁମାର ଜେନା , ଚନ୍ଦନ କୁମାର ଜେନା, ସାମ୍ବାଦିକା ପ୍ରତିମା ଜେନା, ରାଜଶ୍ରୀ ପାଣିଗ୍ରାହୀ, କବି ଭାରତୀ ସରିତା ମହାନ୍ତି, ସୁରେନ୍ଦ୍ର ପରିଡା, ବିଜୟ କୁମାର ପାତ୍ର, ରାଧାକୃଷ୍ଣ ଜେନା, ମାହେଶ୍ୱରୀ ଗିରି, ଅରବିନ୍ଦ ବେହେରା, ମନୋଜ କୁମାର ସୀ, କମଳ ଲୋଚନ ପିଲା, ମନ୍ମଥ ମଣ୍ଡଳ, ବୀର ମାଧବ ଦାସ, କବିତା ପ୍ରଧାନ, ଶ୍ରୀକାନ୍ତ ନାଥ, ନବ କୁମାର ଦାସ, କାର୍ତ୍ତିକ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଟ୍ରଷ୍ଟ ର ସମ୍ପାଦିକା ସୁଷମା ରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରେନରେ କଟି ବସ୍ତାର ଯୁବକ ମୃତ

ବସ୍ତା, ୨୬/୧୦ (ନି.ପ୍ର): ଗୁରୁବାର ସକାଳେ ବସ୍ତା ଷ୍ଟେସନ ନିକଟରେ ଟ୍ରେନ ରେ କଟି ଯାଇ ଜଣେ ଯୁବକର ମୃତ୍ୟୁ ଘଟିଛି। ସୂଚନାରୁ ପ୍ରକାଶ ଯେ ଅପ ଖଡଗପୁର - ଖୋରଧା ରୋଡ଼ ଟ୍ରେନ ଯାଉଥିବା ବେଳେ ଏହି ସମୟରେ ବସ୍ତା ଥାନା ଅଧୀନ କରଞ୍ଜିଆ ଗ୍ରାମନିବାସୀ ଡଗରା ରାମର ପୁଅ ଅତୁଲ୍ୟ (୪୦ବର୍ଷ) ରେଳ ଧାରଣା ଅତିକ୍ରମ କରୁଥିଲା।ଘଟଣା ସ୍ଥଳରେ ତା'ର ମୃତ୍ୟୁ ହୋଇଯାଇଥିଲା। ସେ, ତା'ସ୍ତ୍ରୀ ଓ ଦେଢ଼ ବର୍ଷର ପୁଅ ପୂଜା ଅବସରରେ ନିଜ ଶ୍ୱଶୁର ଘର ରଣାମୁଣ୍ଡଳୀ ବୁଲି ଆସିଥିଲେ। ଖବର ପାଇ ରେଳବାଇ ପୁଲିସ ମୃତ ଦେହ ଜବତ ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି।

# ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ବିଭିନ୍ନ ଦାବି ନେଇ କର୍ମଚାରୀ ସଂଘର ଧାରଣା

ବାଲେଶ୍ୱର, ୨୬/୧୦ (ନି.ପ୍ର): ବିଭିନ୍ନ ଦାବି ପୂରଣ ନେଇ ରାଜ୍ୟ ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀ ମହାସଂଘ ଡାକରା କ୍ରମେ ରାଜ୍ୟର ୧୭ଟି ସମବାୟବ୍ୟାଙ୍କ ୨୫, ୨୬,୨୭ ତିନିଦିନ ପାଇଁ ଧର୍ମଘଟ ଡାକରା ଦେଇଛି ।ମହାସଂଘର ଡାକରାରେ ଆଜି ପୂର୍ବାହ୍ନ ୧୦ ଟା ବେଳେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ୍ ସଂଘ ତରଫରୁ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ଧାରଣା ଅନୁଷ୍ଠିତ ହୋଇଯାଇଛି । ଦାବି ଗୁଡ଼ିକ ମଧ୍ୟରୁ ୦୧/୦୧/୨୦୧୬ ପାଖରୁ ବକେୟା ସପ୍ତମ ବେତନ




କମିଶନ ଲାଗୁ କରିବା, କେନ୍ଦ୍ର ସମବାୟ ବ୍ୟାଙ୍କ ର ପୁନର୍ଗଠନ କରିବା ଆଦି ବିଭିନ୍ନ ଦାବି ପୂରଣ ନେଇ ଏହି ଧାରଣା କରାଯାଇଛି ବୋଲି ସାଧାରଣ ସମ୍ପାଦକ ହିମାଂଶୁ ଦାଶ କହିଛନ୍ତି। ଏହି ଧାରଣାରେ ସଂଘର ସଭାପତି ପ୍ରଶାନ୍ତ ଦାସ,ଶୁଭେନ୍ଦୁ ବିଶ୍ୱାଳ, ସଂଜନ ଦାସଙ୍କ ସମେତ ସମସ୍ତ ସମବାୟ ବ୍ୟାଙ୍କ୍ କର୍ମଚାରୀ ଯୋଗ ଦେଇ ଥିଲେ। ସମସ୍ତ ୩୦ ଶାଖାରେ ଧର୍ମଘଟ ଆରମ୍ଭ ହୋଇ ଅଛି ଏବଂ ସମସ୍ତ କର୍ମଚାରୀ ଅଂଶ ଗ୍ରହଣ କରିଛନ୍ତି ବୋଲି ସଭାପତି ଶ୍ରୀ ଦାସ ସୂଚନା ଦେଇଛନ୍ତି।

# ଭୋଟର ସଚେତନତା କାର୍ଯ୍ୟକ୍ରମ ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ: ୨୮ରେ କାର୍ଯ୍ୟକ୍ରମ ଚୂଡ଼ାନ୍ତ



ନୀଳଗିରି , ୨୬/୧୦ (ନି.ପ୍ର): ଗୁରୁବାର ୨୬ତାରିଖ ସନ୍ଧ୍ୟା ୫ଘଟିକା ସମୟରେ ନୀଳଗିରି ଉପଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ଉପଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଆଗାମୀ ଅକ୍ଟୋବର ୨୮ତାରିଖରେ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ନେଇ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୀଳଗିରି ଉପଖଣ୍ଡର ସାମ୍ବାଦିକ ମାନେ ଯୋଗଦାନ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଓଡ଼ିଶା ନିର୍ବାଚନ କମିଶନ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ଏନେଇ ୨୮ତାରିଖରେ ନୀଳଗିରି ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ସକାଳ ୭ଘଟିକା ଠାରୁ ୧୦ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ପଥଉତ୍ସବ ଓ ୱାକଥନ୍ ମାଧ୍ୟମରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନୂତନ ଭୋଟର ପଞ୍ଜିକରଣ, ମୃତ୍ୟୁବରଣ କରିଥିବା ଭୋଟରଙ୍କ ନାମ ତାଲିକାରୁ ବାଦ ଦେବା, ଭୋଟର ସଂଶୋଧନ ,୧୭ ବର୍ଷରୁ ଉର୍ଦ୍ଧ୍ୱ ଯୁବକ ଯୁବତୀମାନେ ଭୋଟର ତାଲିକାରେ ସଂଯୋଗୀ କରଣ ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଭୋଟର ମାନଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବବୋଲି ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି। ରହାଗିରି ଭଳି ରାସ୍ତା ପାର୍ଶ୍ୱରେ ଆୟୋଜିତ ହୋଇ ସହର ପରିକ୍ରମା ପୂର୍ବକ ସ୍ଲୋଗାନ, ବ୍ୟାନର ଓ ଓଡ଼ିଓ ମାଧ୍ୟମରେ ସଚେତନତାର ବାର୍ତ୍ତା ଦିଆଯିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ, ରଙ୍ଗୋଲି, ବକ୍ତୃତା, ଗୀତ, ଏକକ ଅଭିନୟରେ ଭାଗ ନେଇଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ଉପଜିଲ୍ଲାପାଳ ସୂଚନା ଦେଇଥିଲେ। ଏହି ବୈଠକରେ ଡେପୁଟି କଲେକ୍ଟର ପରୀକ୍ଷିତ ଜେନା, ବୈକୁଣ୍ଠ ରାୟ, ନିର୍ବାଚନ ଅଧିକାରୀ ପ୍ରତିନିଧି ଲକ୍ଷ୍ମୀକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଅରୁଣ ଦେ ସ୍ମୃତି ପରିଷଦ ପକ୍ଷରୁ ଦଶହରା ମିଳନ ଏବଂ ଶ୍ରଦ୍ଧାଞ୍ଜଳି ସଭା




ବାଲେଶ୍ୱର, ୨୬/୧୦ (ନି.ପ୍ର): ଅରୁଣ ଦେ ସ୍ମୃତି ପରିଷଦ ପକ୍ଷରୁ ବିଜୟା ଦଶମୀ ଉପଲକ୍ଷେ ମଲ୍ଲିକାଶପୁରସ୍ଥିତ ସ୍ୱର୍ଗତ ଅରୁଣ ଦେ'ଙ୍କ ବାସଭବନରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ସାଙ୍ଗକୁ ସ୍ୱର୍ଗତ ଦେ'ଙ୍କର ଅନୁଗତ ସେକ୍ ଫିର୍‌ଦୋସଙ୍କ ପାଇଁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଠାରେ ସୂଚନାଯୋଗ୍ୟ ବରିଷ୍ଠ ରାଜନେତା ଅରୁଣ ଦେ ଜୀବିତାବସ୍ଥାରେ ପ୍ରତିବର୍ଷ ଦଶହରାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରିଆସୁଥିଲେ। ତାଙ୍କ ଅବର୍ତ୍ତମାନରେ ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅରୁଣ ଦାଙ୍କ ସାଥୀ ଓ ସମର୍ଥକମାନେ ତାଙ୍କୁ ମନେ ପକାଇବା ସଙ୍ଗେସଙ୍ଗେ ପରସ୍ପରଙ୍କୁ ବିଜୟା ଅଭିନନ୍ଦନ ଜଣାଇଥା'ନ୍ତି। ଏହି କାର୍ଯ୍ୟକ୍ରମରେ ପରିଷଦର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଉପଦେଷ୍ଟା ରଞ୍ଜନ ବାଗ୍ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଦର ବିଧାୟକ ସ୍ୱରୂପ ଦାସ କାର୍ଯ୍ୟକ୍ରମରେ ଯୋଗ ଦେଇ ଅରୁଣ ଦାଙ୍କ କାର୍ଯ୍ୟ ଏବଂ ସାଧାରଣ ଲୋକଙ୍କ ପ୍ରତି ତାଙ୍କର ଥିବା ପ୍ରତିବଦ୍ଧତା ସମ୍ପର୍କରେ ସମସ୍ତଙ୍କୁ ମନେପକାଇ ସ୍ୱର୍ଗତ ଦାଦା ଏବଂ ସେକ୍ ଫିର୍‌ଦୋସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡ଼ି ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଅନୁସୂୟା ନାୟକ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, କବି ଶ୍ରୀଦେବ, ଆଇନଜୀବୀ ସାଇରୁଲ୍ ହକ୍, ବିନୋଦ ଜୀ, ମନୋଜ ରାଉତ, ଯଶୋଦା ନନ୍ଦନ ଆଶ୍, ପୂର୍ବତନ ନଗରପାଳ ତପନ ଚକ୍ରବର୍ତ୍ତୀ, ଅଭିଜିତ୍ ଦାସ, ଭୋଳାନାଥ ବେହେରା, ଐଶ୍ୱର୍ଯ୍ୟ ସେନାପତି, ମଧୁସୂଦନ ମହାପାତ୍ର, ରେମୁଣା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଗୋପୀନାଥ ସେନାପତି, ରାଜେନ୍ଦ୍ର ଚାଟାର୍ଜୀ, ବିଶ୍ୱଜିତ୍ ମହାପାତ୍ର, କାଉନସିଲର ସନ୍ଧ୍ୟାରାଣୀ ଜେନା, ଦେବେନ୍ଦ୍ର ଦାସ, ଆଇନଜୀବୀ ପ୍ରଣବ ପଣ୍ଡା, ମଧୁସୂଦନ ବେହେରା, ଦୀପକ ଦାସ, ସେକ୍ ଆନ୍‌ସାର୍, ଧୀରେନ୍ ନାୟକ, ଶରତ ଦାସ, ଆଶିଷ ଦାଶ, ତ୍ରିଲୋଚନ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରିୟନେତା ଅରୁଣ ଦେଙ୍କୁ ମନେ ପକାଇବା ସଙ୍ଗେସଙ୍ଗେ ସେକ୍ ଫିର୍‌ଦୋସ୍‌ଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ଦୁର୍ଗାମାଧବ ପୂଜାରେ ସମ୍ବର୍ଦ୍ଧନା ସଭା

ଖୋର୍ଦ୍ଧା, ୨୬/୧୦ (ନି.ପ୍ର): ଶାରଦୀୟ ଦୁର୍ଗା ପୂଜା ଅବସରରେ ଖୋର୍ଦ୍ଧା ପୁରୁଣା ଦମକଳ ଛକ ସନ୍ନିକଟ ଦୁର୍ଗାମାଧବ ପୂଜାର ୭୭ତମ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ସଭାପତି ମଦନ ମୋହନ ରାମଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରଫେସର ନାରାୟଣ ରାଓ ମୁଖ୍ୟ ଅତିଥି, ଇଂ ନିହାର ରଞ୍ଜନ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସମ୍ପାଦକ ଅଧ୍ୟାପକ ଗୋପାଳକୃଷ୍ଣ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଖୋର୍ଦ୍ଧାର ପ୍ରାଚୀନ ଶାକ୍ତପୀଠ ହରିପୁର ୮୪ ଯୋଗିନୀ, ବାଣପୁରର ଭଗବତୀ, ଭୁଷଣ୍ଡପୁରର ଉଗ୍ରତାରା, ଖୋର୍ଦ୍ଧାର ବରୁଣେଇ କରୁଣେଇ ଆଦି ଦେବୀଙ୍କ ସମ୍ପର୍କରେ



ଅତିଥିମାନେ ଅବତାରଣା କରିଥିଲେ । ଏହି ଅବସରରେ ସଚିବାଳୟର ଉପସଚିବ ତଥା ଏହି ଅନୁଷ୍ଠାନର ଦୁଇ ଦଶନ୍ଧି ଧରି ସଭାପତି ଥିବା ଗୋପିନାଥ ପ୍ରଧାନ, ଷ୍ଟେଟ ବ୍ୟାଙ୍କର ଉଚ୍ଚ ପଦାଧିକାରୀ ଗୋବିନ୍ଦ ଚନ୍ଦ୍ର ଲାଲା ଓ ଗୋବିନ୍ଦ ଚନ୍ଦ୍ର ବଳିୟାରସିଂହ, ରବିନ୍ଦ୍ର ସୁନ୍ଦରାୟ, ମହେଶ୍ୱର ସେଠୀ ଦୁର୍ଗାପୂଜାର ପ୍ରସାର କ୍ଷେତ୍ରରେ ଅବଦାନ ପାଇଁ ମରଣୋତର ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ସମ୍ମାନ ସେମାନଙ୍କର ଦାୟାଦମାନେ ଗ୍ରହଣ କରିଥିଲେ । ଦୁଇଦିନ ବ୍ୟାପି ପାଲା ଓ ମନୋରଞ୍ଜନ ସହ ମା'ଙ୍କ ମେଲାଣି ଉତ୍ସବ ମହାସମାରୋହରେ ହୋଇଥିଲା ।

# ୱାର୍ଲଡ ଓଡିଶା ସୋସାଇଟିର ମହାସଚିବଙ୍କର ମାତୃ ବିୟୋଗ



ଭୁବନେଶ୍ୱର/ନୂଆଦିଲ୍ଲୀ , ୨୬/୧୦ (ନି.ପ୍ର): ୱାର୍ଲଡ ଓଡିଶା ସୋସାଇଟି ର ମହାସଚିବ ମାଞ୍ଚେଷ୍ଟର ଠାରେ ଅବସ୍ଥାପିତ ଯୁବ ଶିଳ୍ପଦ୍ୟୋଗୀ ଶିବ ରଞ୍ଜନ ବିଶ୍ୱାଳ ଙ୍କର ମାତା ଶ୍ରୀମତୀ ବାସନ୍ତୀ ବିଶ୍ୱାଳ ଗତ ରବିବାର ଦିନ ୬୬ ବର୍ଷ ବୟସ ରେ ବ୍ରହ୍ମପୁର ଠାରେ ଇହ ଲୀଳା ସମ୍ବରଣ କରିଛନ୍ତି । ଶ୍ରୀମତୀ ବିଶ୍ୱାଳ ଜଣେ ଧର୍ମ ପରାୟଣା, ସରଳ , ଅମାୟିକ , ପରୋପକାରୀ , ସ୍ନେହୀ , ଦରଦୀ ଓ ମିଷ୍ଟଭାଷୀ ମହିଳା ଥିଲେ । ସେ ତାଙ୍କର ସ୍ୱାମୀ ଓଡିଶା ରାଜ୍ୟ ପରିବହନ ନିଗମର ପୂର୍ବତନ ମହା ପ୍ରବନ୍ଧକ ଇଂଜିନିୟର ମୀନକେତନ ବିଶ୍ୱାଳ, ଦୁଇ ପୁଅ ଶିବ ରଞ୍ଜନ ଓ ଶିବ କୁମାର , ଦୁଇ ବୋହୂ ପୂଜା ଖଣ୍ଡୁଆଳ ଓ ଆରତୀ ବିଶ୍ୱାଳ , ଝିଅ ସ୍ମିତା ବେହେରା ଏବଂ ଜ୍ୱାଇଁ ସରୋଜ ବେହେରା ଙ୍କୁ ଛାଡ଼ି ଯାଇଛନ୍ତି ଓ ପୁରୀ ର ସ୍ୱର୍ଗଦ୍ୱାର ଠାରେ ପରିବାରବର୍ଗଙ୍କ ଉପସ୍ଥିତିରେ ତାଙ୍କର ଅଂତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି । ତାଙ୍କର ବିୟୋଗ ରେ ୱାର୍ଲଡ ଓଡିଶା ସୋସାଇଟି ର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି ଓ ଏକ ଶୋକବାର୍ତା ରେ ଶ୍ରୀ ଦ୍ୱିବେଦୀ,ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କର ଆମର ଆତ୍ମାକୁ ଚୀର ଶାନ୍ତି ପ୍ରଦାନ କରନ୍ତୁ ,ଏତିକି ପ୍ରାର୍ଥନା ବୋଲି ଦର୍ଶାଇଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo